RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -154 ସଂଖ୍ୟା-୧୫୪
ଭୁବନେଶ୍ୱର, ଶନିବାର ୨୯ ଅଗଷ୍ଟ ୨୦୨୬
Bhubaneswar, Saturday 29 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ନେପାଳ ବନ୍ୟାରେ ବଢ଼ିଲା ଓଡ଼ିଆଙ୍କ ଦୁଃଖ
### ବରଗଡ଼ର ଏକ ପରିବାରର ୩ ସଦସ୍ୟ ନିଖୋଜ

ଭୁବନେଶ୍ୱର, ୨୮।୮ (ନି.ପ୍ର.): ନେପାଳରେ ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ମଧ୍ୟରେ ଓଡ଼ିଶା ପାଇଁ ଆଉ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ବରଗଡ଼ ଜିଲ୍ଲା ଜମ୍ପାଲି ଗାଁର ଏକ ପରିବାରର ତିନିଜଣ ସଦସ୍ୟ ନିଖୋଜ ଥିବା ସୂଚନା ମିଳିଛି ।ନିଖୋଜ ଥିବାମାନେ ହେଲେ ଗୁନ୍ନମ ଜୟକୃଷ୍ଣ, ତାଙ୍କ ପତ୍ନୀ ଗୁନ୍ନମ ସାଇ ବିନ୍ଦୁ କୁମାରୀ ଓ ସେମାନଙ୍କର ୨ ବର୍ଷର କନ୍ୟା । ଜୟକୃଷ୍ଣ ନେପାଳର ଏକ ଜଳବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ଥିଲେ ଏବଂ ପରିବାର ସହ ଭୋଟେ କୋଶି ନଦୀ ନିକଟସ୍ଥ ଅଞ୍ଚଳରେ ରହୁଥିଲେ ।ପ୍ରବଳ ବର୍ଷା ପରେ ସୃଷ୍ଟି ହୋଇଥିବା ବନ୍ୟାରେ ସେମାନେ ନିଖୋଜ ହୋଇଥିବା ଆଶଙ୍କା କରାଯାଉଛି । ଏହା ସହିତ ନେପାଳ ବନ୍ୟାରେ ନିଖୋଜ ଓଡ଼ିଆଙ୍କ ସଂଖ୍ୟା ୫କୁ ବଢ଼ିଛି । ଏହା ପୂର୍ବରୁ ଖୋର୍ଦ୍ଧାର ଜଣେ ଦମ୍ପତି ଓ ବାରିପଦାର ଜଣେ ମହିଳାଙ୍କ ସନ୍ଧାନ ମିଳିନଥିବା ଖବର ଆସିଥିଲା ।

ନେପାଳ ସରକାର, ସ୍ଥାନୀୟ ପ୍ରଶାସନ ଏବଂ ଭାରତର ବିଦେଶ ମନ୍ତ୍ରଣାଳୟ ମିଳିତ ଭାବେ ଉଦ୍ଧାର ଓ ଖୋଜାଖୋଜି ଅଭିଯାନ ଚଳାଇଛନ୍ତି । ରାସୁୱା, ନୁୱାକୋଟ, ଧାଦିଙ୍ଗ ଓ ଗୋରଖା ଜିଲ୍ଲାରେ ଏପର୍ଯ୍ୟନ୍ତ ଶତାଧିକ ଲୋକ ନିଖୋଜ ଥିବା ଜଣାପଡ଼ିଛି । ଏପଟେ ବରଗଡ଼ରେ ଜୟକୃଷ୍ଣଙ୍କ ପରିବାର ଲୋକେ ଚିନ୍ତାରେ ଦିନ କାଟୁଥିବା ବେଳେ ଓଡ଼ିଶା ସରକାର ମଧ୍ୟ ପରିସ୍ଥିତି ଉପରେ ନଜର ରଖିଛନ୍ତି ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ପିନ୍ଧାଉଛନ୍ତି ବାଚସ୍ପତି ସୁରମା ପାଢୀ ଓ ଉପମୁଖ୍ୟମନ୍ତ୍ରୀ ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାକ୍ଷୀ ପିନ୍ଧାଉଛନ୍ତି କୁନି କୁନି ବାଳିକା ।

# ନୟାଗଡ଼ରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ । ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି ।




ସୂଚନାଯୋଗ୍ୟ ଯେ ଆଜି ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି ।

ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀ ମାନଙ୍କୁ ଉଦ୍ ?ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା ।

ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ । ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ? ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ନୈନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି ।

**୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୬୩ କୋଟିରୁ ଅଧିକ ଟଙ୍କା**

**ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ**

**୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନରେ ରହିଛି**

**ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବ ନୟାଗଡ଼ ଚିନି କଳ ଏବଂ ଆରମ୍ଭ ହେବ ବୃତଙ୍ଗ ଜଳସେଚନ ପ୍ରକଳ୍ପ**

**ସୁଭଦ୍ରା ସହାୟତା ପ୍ରଦାନ କରି ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି – ମୁଖ୍ୟମନ୍ତ୍ରୀ**

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ 'ମହିଳା ଉଦ୍ୟୋଗୀ ମଞ୍ଚ ' ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ , ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ ।ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍ ?ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟିଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ ।

ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତିରେ ୧୧୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି । ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ । ଏହି ଅବସରରେ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ମା ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସାଢେ ଚାରି କୋଟି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କଠିନ ପରିଶ୍ରମ କରୁଛନ୍ତି । ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କରିଛନ୍ତି ବୋଲି ସେ କହିଥିଲେ । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ସୁଭଦ୍ରା ହେଉଛି ମା ଓ ଭଉଣୀ ମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆମ ବସ୍ ରେ ମା ଓ ଭଉଣୀ ମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ସୁଭଦ୍ରା ଆଜି ମହିଳାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ଓ ଉଦ୍ୟୋଗୀ ବନିବାର ସୁଯୋଗ ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସୁଭଦ୍ରା ହେବ ବିକାଶର ମୂଳପିଣ୍ଡ ବୋଲି ସେ କହିଥିଲେ । ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଧାର୍ଯ୍ୟ ସମୟ ପୂର୍ବରୁ ଲକ୍ଷପତି ଦିଦି ଟାର୍ଗେଟ୍ ହାସଲ କରି ରେକର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ ଟେଲିଭିଜନରେ ମୁଖ୍ୟମନ୍ତ୍ରୀଙ୍କ ବୋଟ୍ ଓ ଖାଲିପାଦରେ ବନ୍ୟା ଗସ୍ତ ଦେଖି ସଂସଦ ରେ ସାଂସଦ ମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଥିଲେ ଯେ ମାତୃ ଶକ୍ତିର ଜାଗରଣ ହେଲେ ସମାଜର ବିକାଶ ହୁଏ । ଆଜି ଦେଶରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମାତୃଶକ୍ତିର ସମ୍ମାନ କ୍ଷେତ୍ରରେ ଏକ ନୂଆ ଜାଗରଣ ସୃଷ୍ଟି ହୋଇଛି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଓ ଗଞ୍ଜାମ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ସୁଭଦ୍ରା ବାର୍ଷିକ ରିପୋର୍ଟ ୨୦୨୫-୨୬, ଏସ୍‌ବିଆଇ ସର୍ଭେ ରିପୋର୍ଟ ଏବଂ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦରସ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ଏବଂ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୩,୬୦୫ କିଲୋଗ୍ରାମ ଅପମିଶ୍ରିତ ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ

ଭୁବନେଶ୍ୱର, ୨୮/୮ : ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ କରାଯାଉଛି । ଖାଦ୍ୟ ସୁରକ୍ଷା କମିଶନର ଡ ପୋମା ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ପୌରାଞ୍ଚଳ ଆଦି ଅଞ୍ଚଳରେ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଯାଞ୍ଚ କରାଯାଇ ଅପମିଶ୍ରିତ ଖରାପ ଖାଦ୍ୟ ସାମଗ୍ରୀଗୁଡ଼ିକ ନଷ୍ଟ କରାଯିବା ସହ ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଆଜି ଯାଏଁ ଏହି ଅଭିଯାନରେ ମୋଟ ୩,୬୦୫କିଲୋଗ୍ରାମ ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବାବେଳେ ୪୭୫ଟି ଖାଦ୍ୟ ନମୁନା ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଛି । ଏହାସହିତ ମୋଟ ୨,୮୪,୫୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି ।



ସେଥିରୁ ବିଏମ୍ସି, ଭୁବନେଶ୍ୱର ଅଞ୍ଚଳରେ ସର୍ବାଧିକ ୬୮୭ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ସହ ୬୧ଟି ନମୁନା ସଂଗ୍ରହ ଏବଂ ୬୮,୫୦୦ଟଙ୍କା ଜରିମାନା ଲଗାଯାଇଛି । ସେହିପରି କେଏମ୍ସି, କଟକରେ ୫୭୦ କିଲୋଗ୍ରାମ ଏବଂ ଆର୍‌ଏମ୍ସି, ରାଉରକେଲାରେ ୧୨୩କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ଅପମିଶ୍ରଣ ଯୋଗୁଁ ନଷ୍ଟ କରାଯାଇଛି । ଜିଲ୍ଲାସ୍ତରରେ ମଧ୍ୟ ଜୋରଦାର ଅଭିଯାନ ମାଧ୍ୟମରେ ପୁରୀରେ ୧୨୦କିଲୋଗ୍ରାମ, ବାଲେଶ୍ୱରରେ ୯୮ କିଲୋଗ୍ରାମ, ଢେଙ୍କାନାଳରେ ୯୫କିଲୋଗ୍ରାମ, କେନ୍ଦ୍ରାପଡ଼ାରେ ୯୫କିଲୋଗ୍ରାମ ଏବଂ ସୁନ୍ଦରଗଡ଼ରେ ୭୦କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଛି । କେନ୍ଦ୍ରାପଡ଼ାରେ ୪୪,୦୦୦ଟଙ୍କା, ଢେଙ୍କାନାଳରେ ୨୮,୦୦୦ଟଙ୍କା ଏବଂ ଭଦ୍ରକରେ ୩୧,୫୦୦ଟଙ୍କା ଜରିମାନା ଲଗାଯାଇଛି ।

ଏହି ଅଭିଯାନ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ଯୋଗାଣ ନିଶ୍ଚିତ କରିବା ଏବଂ ଖାଦ୍ୟ ବ୍ୟବସାୟୀମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପ୍ରତି ସଚେତନତା ବୃଦ୍ଧି କରିବା ଉପରେ ବିଭାଗ ଗୁରୁତ୍ୱ ଦେଇଛି । ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଭଳି ଯାଞ୍ଚ ଓ ନିରୀକ୍ଷଣ ଅଭିଯାନ ଜାରି ରହିବ । ଉପଭୋକ୍ତାମାନଙ୍କୁ ମଧ୍ୟ ଖାଦ୍ୟ କିଣିବା ସମୟରେ ଗୁଣବତ୍ତା, ପରିଷ୍କାର-ପରିଚ୍ଛନ୍ନତା ଓ ଲେବେଲିଂ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ସଚେତନ କରାଯାଇଛି ।

### ଡାହୁକ



ଜନତାଙ୍କ ସ୍ୱାର୍ଥ ମକଡି ମଳି
ସରବ ଶିଳାଏ ଯେମିତି ଶିଳି
କହୁଛନ୍ତି ଦେଶ ଖୋଳ
ଦଣ୍ଡା ଦେଇ ଅଣ୍ଡା କରିବାକୁ ହେଲେ
ସଭିଏଁ ମିସିକି ଲଢ଼
-ବିଧୁ

## ଛାତ୍ର ସଂସଦ ନିର୍ବାଚନ ସପକ୍ଷରେ ଛାତ୍ରସଂଘ

ଭୁବନେଶ୍ୱର, ୨୮।୮ (ନି.ପ୍ର.): ଛାତ୍ର ସଂସଦ ନିର୍ବାଚନ କରିବାପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍ମାରକପତ୍ର ମାଧ୍ୟମରେ ଦାବି ଉଠାଯିବା ପରେ ଦୀର୍ଘବର୍ଷ ଧରି ବନ୍ଦ ଥିବା ଛାତ୍ରସଂସଦ ନିର୍ବାଚନ ହେବ କି ନାହିଁ ସେଥିନେଇ ସଂଶୟ ଉପୁଜିଛି । ଏଠାରେ ଉଲ୍ଲେଖନୀୟ ଯେ ନିକଟରେ ଏବିଭିପି ପକ୍ଷରୁ ଅନ୍ୟାନ୍ୟ ଦାବି ସହ ନିର୍ବାଚନ ପ୍ରସଙ୍ଗ ଉଠାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସ୍ମାରକପତ୍ର ଦିଆଯାଇଛି । ପ୍ରାୟ ଆଠ ବର୍ଷ ଧରି ଓଡିଶାରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ଫଳରେ ଛାତ୍ର ନେତୃତ୍ୱ ସୃଷ୍ଟିରେ ବାଧା ଉପୁଜୁଥିବାବେଳେ ବିଭିନ୍ନ ରାଜନୈତିକଦଳର ଛାତ୍ରଶାଖାଗୁଡିକ ଏକ ପ୍ରକାର ସ୍ଥାଣୁ ଅବସ୍ଥାକୁ ଚାଲିଆସିଛନ୍ତି । ଓଡିଶାରେ ବିଜେଡି ସରକାର ଚାଲୁଥିବା ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖାଯାଇଥିଲା । ପ୍ରାକୃତିକ ଦୁର୍ବିପାକ, ଆଇନଶୃଙ୍ଖଳା ପରିସ୍ଥିତି, ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଓ କରୋନା କଟକଣା ଆଦି କାରଣ ଦର୍ଶାଇ ସେତେବେଳେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା । ପଞ୍ଚାୟତ, ପୌରସଂସ୍ଥା, ସମବାୟ ସଂସ୍ଥାଠାରୁ ବିଧାନସଭା ଓ ସଂସଦ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏହି ସମୟ ଭିତରେ ନିର୍ବାଚନ ହୋଇଥିବାବେଳେ କେବଳ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକର ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖାଯାଇଥିଲା ।

ସେତେବେଳେ ବିରୋଧିଦଳରେ ଥାଇ ବିଜେପି, କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ଅନ୍ୟ ରାଜନୈତିକ ସଂଗଠନମାନେ ଛାତ୍ରସଂସଦ ନିର୍ବାଚନ କରାଇବାପାଇଁ ଦାବି ଉଠାଉଥିଲେ । ଏମିତିକି ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ କରାଯିବାକଥା କୁହାଯାଉଥିଲା । ୨୦୨୪ରେ ଓଡିଶାରେ ବିଜେପି ନେତୃତ୍ୱରେ ସରକାର ଗଠିତ ହେବାପରେ ଛାତ୍ର ସଂସଦ ନିର୍ବାଚନ ହେବବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ଘୋଷଣା କରିଥିବାବେଳେ ଅନ୍ୟ କେତେକ ମନ୍ତ୍ରୀ କିନ୍ତୁ ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନ ପରବର୍ତ୍ତୀ ବର୍ଷରେ ହେବ ବୋଲି ବିବୃତ୍ତି ଜାରି କରିଥିଲେ । ୨୦୨୫ରେ ବି ଛାତ୍ର ସଂସଦ ନିର୍ବାଚନ ହୋଇନଥିଲା । ଚଳିତ ଶିକ୍ଷାବର୍ଷ ପାଇଁ ଯେଉଁ କ୍ୟାଲେଣ୍ଡର ଘୋଷଣା କରାଯାଇଛି ସେଥିରେ ଛାତ୍ର ସଂସଦ ନିର୍ବାଚନ ସଂକ୍ରାନ୍ତରେ କିଛି ସୂଚନା ନାହିଁ ।

## ନେପାଳ ପ୍ରଳୟରେ ମୃତ୍ୟୁ ସଂଖ୍ୟା ୪୬୯କୁ ବୃଦ୍ଧି
### ୨୯୦ ଭାରତୀୟଙ୍କ ପତ୍ତା ମିଳୁନି, ପୁଣି ବନ୍ୟା ଆଶଙ୍କା ନେଇ ଆଲର୍ଟ

ନୂଆଦିଲ୍ଲୀ, ୨୮/୦୮: ଛାତି ଥରାଉଛି । ଲୋମଟାଙ୍କୁରି ଉଠୁଛି । ମହାପ୍ରଳୟରେ ଛିନ୍ନଭିନ୍ନ ହୋଇଯାଇଛି ପାହାଡ଼ି ଦେଶ ନେପାଳ । ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ଭୟଙ୍କର ଚିତ୍ର । ଧ୍ୱଂସାବଶେଷ ତଳେ ଜାରି ରହିଛି ଜୀବନ ଖୋଜା । ନେପାଳ ଜଳପ୍ରଳୟର ମୃତ୍ୟୁ ସଂଖ୍ୟା ୪୬୯କୁ ବୃଦ୍ଧି ହୋଇଛି । ୨୯୦ ଭାରତୀୟଙ୍କ ସମେତ ୧୬୦୦ ଜଣ ନିଖୋଜ ଅଛନ୍ତି । ତ୍ରିଶୁଳି ପାୱାର ପ୍ରୋଜେକ୍ଟରେ କାର୍ଯ୍ୟ କରୁଥିବା ୭୩ ଜଣ ନିଖୋଜ ଅଛନ୍ତି । ତାମିଲନାଡୁର ୨ଟି ଗ୍ରୁପର ୩୭ ଓ ୩୯ ଜଣଙ୍କ ପତ୍ତା ମିଳୁନି । ଏପର୍ଯ୍ୟନ୍ତ ପଶ୍ଚିମବଙ୍ଗର ୩୨ ଜଣଙ୍କୁ ଠାବ କରାଯାଇ ପାରିନାହିଁ । ଅନ୍ୟାନ୍ୟ ରାଜ୍ୟର ୬୧ ନିଖୋଜ ଥିବା ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି । କେତେ ଜଣ ଭାରତୀୟଙ୍କର ମୃତ୍ୟୁ ଘଟିଛି ସ୍ପଷ୍ଟ ହୋଇନଥିବା କହିଛି ମନ୍ତ୍ରଣାଳୟ । ଏବେ ବି ନେପାଳ ଉପରୁ ବିପଦ ଟଳିନାହିଁ । ପୁଣି ବନ୍ୟା ଚେତାବନୀ ଦେଇଛି ଚୀନ ।



ପ୍ରକୃତି ନିକଟରେ ମଣିଷ କେତେ ଅସହାୟ ତାର ପ୍ରମାଣ ନେପାଳରେ ଆସିଥିବା ଅଚାନକ ପ୍ରଳୟଙ୍କରୀ ବନ୍ୟାରେ ଦେଖିବାକୁ ମିଳିଛି । ଦେଶର ୪ ଜିଲ୍ଲା ରସୁୱା, ନୁୱାକୋଟ, ଧାଡିଙ୍ଗ ଓ ଚିତୱନ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି । ଅନେକ ସହର, ଗାଁ, ଘର, ରାସ୍ତାଘାଟ ଓ ପୋଲ ଭାସିଯାଇଛି । ବନ୍ୟାରେ ଏପର୍ଯ୍ୟନ୍ତ ଜଣଙ୍କ ମୃତ୍ୟୁ ଘଟିଛି । କେବଳ ଚିତୱନ ଜିଲ୍ଲାରୁ ୧୩୨ରୁ ଅଧିକ ଶବ ମିଳିଛି । ଏଥିରେ ୫୦୦ରୁ ଅଧିକ ଆହତ ହୋଇଛନ୍ତି । ଆହୁରି ୮୦୦ ବିଦେଶୀଙ୍କ ସମେତ ୧୬୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ୨୯୦ ଜଣ ଭାରତୀୟ ରହିଛନ୍ତି । ଆମେରିକାର ୬୩ ଜଣ ଓ କାନାଡର ୨୫ ଜଣ ପର୍ଯ୍ୟଟକ ନିଖୋଜ ଅଛନ୍ତି । ବିଭିନ୍ନ ସ୍ଥାନରୁ ମୃତଦେହ ମିଳିବାରେ ଲାଗିଛି । ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବ?ିବାର ସମ୍ଭାବନା ରହିଛି । ନିଖୋଜ ଲୋକମାନଙ୍କ ତଲାସୀ ଜାରି ରହିଛି । ନେପାଳ ସେନା, ପୁଲିସ ଓ ଅନ୍ୟ ଅର୍ଦ୍ଧସାମରିକ ବାହିନୀର ୧୩ ହଜାରରୁ ଅଧିକ ଯବାନ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସେମାନେ ପ୍ରଭାବିତ ଅଞ୍ଚଳରୁ ହେଲିକପ୍ଟର ସହାୟତାରେ ୫୭୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ବିଦେଶୀ ନାଗରିକ ଅଛନ୍ତି । ଏଥିସହ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ହେଲିକପ୍ଟରରୁ ଖାଦ୍ୟ ପ୍ୟାକେଟ, ଟେଣ୍ଟ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପକାଯାଉଛି । ବିଭିନ୍ନ ସ୍ଥାନରୁ ପାଣି କାଦୁଅ ଭିତରୁ ମୃତଦେହ ବାହାରିବାରେ ଲାଗିଛି । ପାଣିକାଦୁଅ ଭିତରେ ସୁରକ୍ଷିତ ଥିବା ଜୀବନ ବଞ୍ଚାଇବାକୁ ପ୍ରୟାସ ଜାରି ରହିଛି ।

ଭୋଟେକୋଶୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଅନେକ ଲୋକ ଭାସି ଯାଇଛନ୍ତି । ନଦୀ ତଳିଆ ଅଞ୍ଚଳରୁ ମୃତଦେହ ମିଳିବାରେ ଲାଗିଛି । ଭୋଟେକୋଶୀ ନଦୀର ଶାଖା ନାରାୟଣୀ ନଦୀରୁ ୬୨ଟି ମୃତଦେହ ମିଳିଛି । ସେଥିରେ ୨୬ ପୁରୁଷ, ୧୬ ମହିଳା, ୩ ବାଳକ ଓ ୭ ବାଳିକା ଅଛନ୍ତି । ସେହିଭଳି ଆଉ ୯ଟି ଏଭଳି ଶବ ରହିଛି ଯାହାକୁ ଚିହ୍ନଟ କରିବା ସମ୍ଭବ ହୋଇପାରିନାହିଁ । ଜବତ ମୃତଦେହକୁ ସ୍ଥାନୀୟ ହସ୍ପିଟାଲରେ ସଂରକ୍ଷିତ ରଖାଯାଇଥିବା ସେଠାକାର ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଭାରତ ସୀମା ମଧ୍ୟକୁ କେତେକ ମୃତଦେହ ଭାସିଆସିଥିବା କୁହାଯାଉଛି ।ଭାରତର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ନେପାଳ ବନ୍ୟାରେ ନିଖୋଜ ଥିବା ୨୯୦ ଜଣ ଭାରତୀୟଙ୍କ ସହ କୌଣସି ସମ୍ପର୍କ ହୋଇପାରିନାହିଁ । ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ଟିମ୍ ୮୪ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ।

ପୁଣି ବନ୍ୟା ଆଶଙ୍କା– ନେପାଳ ସରକାର ପୁଣି ବନ୍ୟା ଆଶଙ୍କାରେ ଲୋକମାନଙ୍କୁ ଆଲର୍ଟ ଜାରି କରିଛନ୍ତି । କହିଛନ୍ତି ତିବ୍ବତ ସୀମାବର୍ତ୍ତୀ ରସୁୱାଗଡି ଠାରୁ ୧୮ କି.ମି. ଉପରେ ଲେହେନ୍ଦେ ନଦୀର ଜଳପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଯାହାଫଳରେ ପାଣି ଜମାହୋଇ ତଟବର୍ତ୍ତୀ ଅଞ୍ଚଳରେ ୦.୧୧ ବର୍ଗ କି.ମିର ଏକ ଅସ୍ଥାୟୀ ହ୍ରଦ ସୃଷ୍ଟି ହୋଇଛି । ସେହି ହ୍ରଦରେ ପାଣି ଧିରେ ଧିରେ ଜମିବାରେ ଲାଗିଛି । ଯଦି ଅଧିକ ପାଣି ହୁଏ ତେବେ ଏହି ଅସ୍ଥାୟୀ ହ୍ରଦ ଭାଙ୍ଗିଯିବାର ସମ୍ଭାବନା ଅଛି । ଏଭଳି ହେଲେ ଭୋଟେକୋଶୀ ନଦୀରେ ପୁଣିଥରେ ଅଚାନକ ବନ୍ୟା ଆସିପାରେ । ସେପଟେ ଚୀନ ବି ଆଉ ଏକ ବନ୍ୟା ନେଇ ଚେତାବନୀ ଦେଇଛି । ଏବେ ନେପାଳ ପାଇଁ ଆଉ ଏକ ବଡ ବିପଦ ଘନଉଥିବା ନେଇ ଚୀନ୍ ସତର୍କ କରାଇଛି । ଚୀନ୍ର ଜଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ହିମାଳୟ କ୍ଷେତ୍ରରେ ଦୁଇ ନଦୀର ସଙ୍ଗମ ନିକଟରେ ଏକ ବିରାଟ ହ୍ରଦ 'ଡେଥ୍ ଲେକ୍' ବା 'ମୃତ୍ୟୁ ହ୍ରଦ' ସୃଷ୍ଟି ହୋଇଛି । ଏଠାରେ ଏତେ ମାତ୍ରାରେ ପାଣି ଜମା ହେଉଛି ଯେ, ଯଦି ଏହା ବନ୍ଧ ଭାଙ୍ଗେ ତେବେ ଏହି ବିପର୍ଯ୍ୟୟ ପୂର୍ବ ବିପର୍ଯ୍ୟୟକୁ ବି ଟପିଯିବ । ମାଡି ଆସିବ ୫୦ ଲକ୍ଷ କ୍ୟୁବିକ ମିଟର ପାଣି । ୩ ଦିନରେ ଭାଙ୍ଗିପାରେ ବିରାଟ 'ଡେଥ୍ ଲେକ୍' ।



# ବାଇକ ଧକ୍କା ରେ ଯୁବକ ମୃତ ବୃଦ୍ଧ ଗୁରୁତର

ପିପିଲି ,୨୮।୮ :(ମନ୍ଥନ)ଗୁରୁବାର ସନ୍ଧ୍ୟା ସମୟରେ ପିପିଲି ଟୋଲଗେଟ ନିକଟସ୍ଥ ଜୈସପାଟଣା ଛକ ଠାରେ ଏକ ବଜାଜ ପଲସର ବାଇକ ଜଣେ ବୃଦ୍ଧଙ୍କୁ ଧକ୍କା ଦେବାରେ ବାଇକ ଚାଳକ ର ମୃତ୍ୟୁ ହେବା ସହିତ ବୃଦ୍ଧ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ପ୍ରଥମେ ପିପିଲି ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା ନିଆଯାଇଥିଲା । ବୃଦ୍ଧ ହେଲେ ଆରୁହା ଗ୍ରାମର ଯୁଧିଷ୍ଠିର ଦଳେଇ ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ର କ୍ୟାପିଟାଲ ହସ୍ପିଟାଲ କୁ ସ୍ଥାନାନ୍ତରିତ କରାଯାଇଛି ।ହେଲେ ବାଇକ ଚାଳକଙ୍କ ସେଠାରେ ତାଙ୍କର ମୃତ ହୋଇଥିବା ପିପିଲି ଡାକ୍ତର ଘୋଷଣା କରିଥିଲେ । ମୃତକ ହେଲେ ନିମାପଡା ଥାନା ଦେଖେତା ଡିହସାହି ଗ୍ରାମ ର ସଚ୍ଚିନ ପରିଡା(୨୮) ବୋଲି ପରିଚୟ ମିଳିଥିବା ସୂଚନା ମିଳିଛି । ପିପିଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଏବଂ ମୃତ ଶରୀର କୁ ଜବତ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଠାରୁ ସୂଚନା ।

# ସମାଜସେବୀ ସ୍ୱର୍ଗତ ନଳୀନିଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ସ୍ମୃତୀଚାରଣ ସଭା

ଡେଲାଙ୍ଗ,୨୮।୮ :(ମନ୍ଥନ) ଡେଲାଙ୍ଗ ଅଂଚଳର ସମାଜସେବୀ ସ୍ୱର୍ଗତ ନଳୀନିଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ କୁଆପଦାସ୍ଥିତ ବାସଭବନ ରେ ଅନୁଷ୍ଠିତ ହୋଇଯାଇଛି । ଯଥା ବିଧିମୁତାବକ ସ୍ୱର୍ଗତ ନଳୀନିଦେବୀଙ୍କ ଅମର ଆତ୍ମାର ସଦଗତି ପାଇଁ ହିନ୍ଦୁ ପରମ୍ପରାରେ ପୂଜା ଓ ପିଣ୍ଡଦାନ କରାଯାଇଛି । ଏହି ଅବସରରେ ଆଧ୍ୟାତ୍ମିକ ନାମସଂକିର୍ତନ କରାଯାଇ ଫଟୋଚିତ୍ର ରେ ପୁଷ୍ପମାଲ୍ୟଅର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ସ୍ମୃତୀଚାରଣ କରାଯାଇଥିଲା । ଏଥିରେ ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ,ମହିଳା ବିଜେଡି ନେତ୍ରୀ ବାସନ୍ତି ସାହୁ, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ଓ ପ୍ରସନ୍ନ ସାହୁ,ଦେବାଶିଷ ନନ୍ଦ, ବ୍ଲକ ବିଜେଡି ସଭାପତି ବିପନ ପଟ୍ଟନାୟକ, ପୁରୀ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ,ସମିତିସଭ୍ୟା ଅନ୍ନପୂର୍ଣ୍ଣା ରଣଜିତଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ପହଂଚି ସ୍ୱର୍ଗୀୟ ପରମାତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଏହି କାର୍ଯ୍ୟକ୍ରମ କୁ ପୁତ୍ର ବସନ୍ତ ପାଟ୍ଟଶାଣୀ, ମଧ୍ୟମପୁତ୍ର ଦୁଷ୍ମନ୍ତ ପାଟ୍ଟଶାଣୀ ,ସାନପୁଅ ପ୍ରଶାନ୍ତ ପାଟ୍ଟଶାଣୀ ସମେତ ପରିବାର ବର୍ଗ ପରିଚାଳନା କରିଥିଲେ । ଶେଷରେ ଦୁଷ୍ମନ୍ତ ପାଟ୍ଟଶାଣି ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଓ ନିଶାନିବାରଣ ପାଇଁ ସଚେତନତା

ଡେଲାଙ୍ଗ,୨୮।୮ :(ମନ୍ଥନ)ଡେଲାଙ୍ଗରେ ରକ୍ଷାବନ୍ଧନର ପର୍ବ ମହା ଆନନ୍ଦ ଉଲ୍ଲାସ ରେ ପାଳନ ହୋଇଯାଇଛି । ସବୁଠି ଭଉଣିମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ପବିତ୍ର ଦିନରେ ସମ୍ପର୍କ ଭଲପାଇବାର ନିବିଡତାକୁ ବଜାୟ ରଖିଥିଲେ ।ଏହି ଅବସରରେ ନିଆରା ରୁପେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାକ୍ଷୀପୂର୍ଣିମା ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ପାଳନ ହୋଇଥିଲା । ତତ ସହିତ ନିଶାନିବାରଣ ପାଇଁ ସଚେତନତା କରାଯାଇଛି । ଅନୁଷ୍ଠାନର ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାଖୀ ବାନ୍ଧି ଥିବା ବେଳେ ବିଦ୍ୟାଳୟ ର ଗୁରୁମାମାନେ ଉପସ୍ଥିତ ଅତିଥି ଏବଂ ଗୁରୁଜୀ ମାନଙ୍କ ହାତରେ ରାଖୀ ବାନ୍ଧିଥିଲେ । ସେହିପରି ବିଦ୍ୟାଳୟ ର ଛାତ୍ରୀମାନେ ଡେଲାଙ୍ଗ ଥାନା, ଡେଲାଙ୍ଗ ରେଳ ଷ୍ଟେସନ ଆଦି ସ୍ଥାନରେ ସେବା ଯୋଗାଉଥିବା କର୍ମଚାରୀ ମାନଙ୍କ ହାତରେ ରାଖୀ ବାନ୍ଧି ନିଶାନିବାରଣ ସଚେତନତା ବାର୍ତ୍ତା ବାଣ୍ଟିଥିଲେ ।ଏହାସହ ବିଦ୍ୟାଳୟ ପରିସରରେ ଥିବା ବୃକ୍ଷ ମାନଙ୍କରେ



ରାଖୀ ବାନ୍ଧିବା ସହ ବଳଭଦ୍ରଙ୍କ ଜନ୍ମ ଦିନ ଉପଲକ୍ଷେ ଗୋପୂଜନ କରାଯାଇଥିଲା ।ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ଡେଲାଙ୍ଗ ସମ୍ବାଦ ସାହିତ୍ୟିଘର ସଭାପତି ଆଇନଜୀବୀ ହୃଷିକେଶ ପାଢ଼ୀ, ପ୍ରଖ୍ୟାତ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ, ବିଶିଷ୍ଟ କବି ହରିହର ବଳବନ୍ତରାୟ, ଗଣେଶ ବାରିକ, କାଶୀନାଥ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଟୁକୁନି ମହାପାତ୍ର, ସମ୍ପାଦକ କିଶୋର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରିବା ସହ ନିଶାଠାରୁ ସମସ୍ତେ ଦୁରେଇ ରହିବାକୁ ଆହ୍ୱାନ ଦେଇଥିଲେ । ଗୁରୁଜୀ ସର୍ବ ?ଶ୍ୱର ବାରିକ ମଞ୍ଚ ପରିଚାଳନା କରିଥିଲେ ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମମତା ନାୟକ,ଚିନ୍ମୟୀ ମହାପାତ୍ର,ବିଜୟଲକ୍ଷ୍ମୀ ନାୟକ,ରୀନାମଣି ତାଡ଼,ମିନତୀ ବଳବନ୍ତରାୟ,ସୌମ୍ୟାଶ୍ରୀ ମହାନ୍ତି,ପ୍ରଭାତୀ ଦେଇ,ଶୁଭସ୍ମିତା ପ୍ରଧାନ,ଲିଲି ଦଳେଇ,ରଶ୍ମି ମହାପାତ୍ର,ସ୍ମୃତିରେଖା ମହାରଣା,ସତ୍ୟ ରଞ୍ଜନ ସ୍ୱାଇଁ,ଶୁଭଦର୍ଶିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ସାମ୍ବାଦିକ ଚନ୍ଦ୍ରଶେଖର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜରୁରୀ ବୈଠକ

କେନ୍ଦ୍ରାପଡ଼ା,୨୮।୮ :(ମନ୍ଥନ)ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ପଦୋନ୍ନତି ସମ୍ପର୍କିତ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତା ୧୩/୫/୨୦୨୬ ରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ପତ୍ର ଓ ତା ୧୮/୦୫/୨୦୨୬ ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ପ୍ରେରଣ ପରେ ବହୁବାର ସଂଘ ପକ୍ଷରୁ ଭେଟିବା ପରେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ତା ୧୨/୬/୨୦୨୬ ରେ ମଣ୍ଡଳ ଶିକ୍ଷାଧିକାରୀ ମାନଙ୍କୁ ଏକ ସ୍ୱତନ୍ତ୍ର ଫର୍ମାଟ ସହିତ ଶିକ୍ଷକ ମାନଙ୍କର ତଥ୍ୟ ପ୍ରଦାନ କରିବାକୁ ପତ୍ର ପ୍ରେରଣ କଲେ । ପରେ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଶୀଘ୍ର ବାହାର କରିବାକୁ କହିବା ସତ୍ତ୍ୱେ ଦୀର୍ଘ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ପରେ ଗତ ୨୧/୮/୨୦୨୬ ତାରିଖ ପଡି ୨୪/୮/୨୦୨୬ ରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ କେବଳ ଲେଭେଲ -୪ରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରକାଶ ପାଇଛି ଯାହାକି ବରିଷ୍ଠତା ଚୟନରେ ଗଣଶିକ୍ଷା ସଚିବ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ଓ ୧୯୯୭ କ୍ୟାଡର ନିୟମ ଓ ୨୦୧୯ କ୍ୟାଡର ନିୟମକୁ ଅନୁସରଣ କରାଯାଇନାହିଁ ।ଓଟିଇଟି ପାସର ତାରିଖକୁ ଆଧାର କରି ବରିଷ୍ଠତା ଚୟନ କରାଯାଇ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରସ୍ତୁତ କରାଯାଇଛି ଯାହାକି ଓଡିଶାରେ ଅନ୍ୟ କୌଣସି ଜିଲ୍ଲାର ଗ୍ରେଡ଼େସନ ତାଲିକାରେ ପରିଲକ୍ଷିତ ହୋଇନାହିଁ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ଲାଭ କରିଛି । ମାତ୍ର ସଂଘ ପକ୍ଷରୁ ଅନେକ ଥର ଭେଟି ଏହିଭଳି ତାଲିକା ଓଡ଼ିଶାର କୌଣସି ଜିଲ୍ଲାରେ ପ୍ରକାଶ ପାଇନାହିଁ କହିବା ସତ୍ତ୍ୱେ ଜିଲ୍ଲା ଶିକ୍ଷାଧିକାରୀ ଏହିଭଳି ତାଲିକା ପ୍ରକାଶ କରି ଆମକୁ ହତୋତ୍ସାହିତ କରିଛନ୍ତି କାରଣ ଏହି ତାଲିକା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ଲାଭ କରିବ ନାହିଁ ବୋଲି ଶିକ୍ଷକ ମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଏହି ତାଲିକାକୁ ସଂଶୋଧନ କରି ଉପଯୁକ୍ତ କ୍ୟାଡର ନିୟମ ପାଳନ କରି ସଂଶୋଧିତ ତାଲିକା ପ୍ରକାଶ କରିବାକୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମସ୍ତ ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା ସମ୍ପାଦକ ଅଶ୍ୱିନୀ କୁମାର ରାଉତ ଓ ଜିଲ୍ଲାର ଅନ୍ୟାନ୍ୟ ନେତୃବୃନ୍ଦ ଯଥା ଅନୀଲ କୁମାର ଦାଶ, ଦିବାକର ଦାଶ, ରତିକାନ୍ତ ପାତ୍ର, ହରେକୃଷ୍ଣ ସାହୁ, ପ୍ରେମାନନ୍ଦ ଜୀବନ ଦାସ, ବିଶ୍ୱରଞ୍ଜନ ଦାଶ, ଦୀପକ ମହାନ୍ତି, ଚିତ୍ତରଞ୍ଜନ ରାଉଳ, ଲକ୍ଷ୍ମୀଧର ଲେଙ୍କା, ଅଦ୍ୱୈତ ବିଶ୍ୱାଳ, ଅମୀୟ ଚୌଧୁରୀ, ଶିଶିର କୁମାର ଦାସ, ରାଜକିଶୋର ପ୍ରଧାନ, ଭକ୍ତରଂଜନ ସ୍ୱାଇଁ, ଦେବେନ୍ଦ୍ର ନାୟକ, ସେକ ବରକତୁଲ୍ଲା, ସମୀର ନାୟକ, ବିପିନ ପ୍ରଧାନ, କିଶୋର ସେନାପତି, ସେକ ଏମ୍ଡି ଫୟାଜୁଦ୍ଦିନ, ଖଗେଶ୍ୱର ସାମଲ ପ୍ରମୁଖ ବହୁ ଶିକ୍ଷକ ନେତା ମତପ୍ରକାଶ କରିଥିଲେ । ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ମହୋଦୟଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଆବଶ୍ୟକ ପଡିଲେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆନ୍ଦୋଳନ କରିବେ ବୋଲି ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ । ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକର ସଭାପତି ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍ଏମ୍ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ ଦାବିରେ କୋଇଡାରେ ବିକ୍ଷୋଭ



କୋଇଡା, ୨୮।୮ :(ମନ୍ଥନ)କେନ୍ଦ୍ର ସରକାରଙ୍କ ଖଣି ଓ ଖଣିଜ ପଦାର୍ଥ ବିକାଶ ଓ ନିୟମାବଳୀ ସଂଶୋଧନ ଆଇନ-୨୦୨୬ ରଦ୍ଦ ଦାବିରେ କୋଇଡାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମିଳିତ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ୍ ?), ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ସିପିଆଇର ମିଳିତ ଆହ୍ୱାନରେ ହଜାର ହଜାର କର୍ମୀ ଓ ନେତା କୋଇଡା ଏରିଆନ୍ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭରେ ଇଣ୍ଡିଆନ ନ୍ୟାସନାଲ ଟ୍ରେଡ୍ ୟୁନିଅନ କଂଗ୍ରେସ ର ଉପ ସଭାପତି ତଥା ବଣାଇଁର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାୟକ,କର୍ମବିର ଦାସ କଳ୍ପନା ଆପଟ, ପର୍ଶୁରାମ ସରାଫ, ଅଜିତ ପ୍ରସାଦ ଓ ସନ୍ଧ୍ୟାରାଣୀ ନାଏକ,ଜି ଖେସ,ପରମେଶ୍ୱର ନାଏକ, ଲଛିନ୍ଦ୍ର ଦାସ, ସନାତନ ଘଣା ଙ୍କ ସମେତ ସିପିଆଇ(ଏମ୍)ର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଭାତ ପଣ୍ଡା, ପ୍ରମୋଦ ସାମଲ ଓ ଅଶୋକ ସାମଲ, କୃଷ୍ଣବାରିକ, ସହଦେବ ନାଏକ ପ୍ରମୁଖ ଯୋଗଦେଇଥିଲେ ।ଆନ୍ଦୋଳନକାରୀମାନେ ଏମ୍ ?ଏମ୍ ?ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ କରିବା ସହ ଖଣିରୁ ରାଜ୍ୟଗୁଡ଼ିକର ଟିକସ ଆଦାୟ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ଏଥିସହ ଖଣି ପ୍ରଭାବିତ ଅଞ୍ଚଳରେ ପୁନର୍ବାସ ଓ ଥଇଥାନ, ପରିବେଶ ପୁନରୁଦ୍ଧାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୁରକ୍ଷା ପାଇଁ ଖଣିଜ ରାଜସ୍ୱର ନ୍ୟାୟସଙ୍ଗତ ଅଂଶ ସୁନିଶ୍ଚିତ କରିବା ଏବଂ ବଣାଇଁ ଉପଖଣ୍ଡର ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ସିଂହଭାଗ ଅର୍ଥ ତୁରନ୍ତ ବିନିଯୋଗ କରିବା ଦାବି ହୋଇଥିଲା ।ଦାବିଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଜନାର୍ଦ୍ଦନ ଦେହୁରୀ ଚେତାବନୀ ଦେଇଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ୧୦୭ତମ ଜୟନ୍ତୀ ପାଳିତ

କଳିଙ୍ଗନଗର, ୨୮।୮ :(ମନ୍ଥନ) ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ଏବଂ 'ହୋ ଆନସିଏଣ୍ଟ କଲଚର ଆଣ୍ଡ ସାଇନ୍ସ ୱେଲଫେୟାର ଫାଉଣ୍ଡେସନ'ର ମିଳିତ ସହଯୋଗରେ ଗୁରୁବାର ଦିନ ଶାଳିଜଙ୍ଗା ସ୍ଥିତ ବାଲିଆପାଳ ଫୁଟବଲ ପଡ଼ିଆରେ ପଣ୍ଡିତ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ପଣ୍ଡିତ ଲାକୋ ବୋଦ୍ରା ଥିଲେ 'ୱାରାଙ୍ଗ ଚିଟି' ଲିପିର ସ୍ରଷ୍ଟା ଏବଂ ଓଡ଼ିଶା ତଥା ଝାଡ଼ଖଣ୍ଡର ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ।ହୋ ସମ୍ପ୍ରଦାୟର ସ୍ୱତନ୍ତ୍ର



ପରିଚୟ ଓ ଐତିହ୍ୟକୁ ବଜାୟ ରଖିବା ସହ ହୋ ଭାଷାର ସରକାରୀ ଲିପି 'ୱାରାଙ୍ଗ ଚିଟି'ର ସଂରକ୍ଷଣ ତଥା ପ୍ରଚାର-ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା ସଂକଳ୍ପ ସହ ପାଖାପାଖି ୬୦୦ ସ୍ଥାନୀୟ ଲୋକ ଏକତ୍ରିତ ହୋଇଥିଲେ ।ଏହି ସମାରୋହରେ ମୟୂରଭଞ୍ଜର ବିଶିଷ୍ଟ ସମାଜସେବୀ ଶିଳାଇ ପୂର୍ତ୍ତି, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ଚିଫ, ରବି ମାରିକ, ଶାଳିଜଙ୍ଗା ପଞ୍ଚାୟତର ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ଟିଏସଏଫର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତିବିଶେଷ ପଣ୍ଡିତ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଏହି ଅବସରରେ ଆଦିବାସୀ ଭାଷା ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥି ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ଆଦର୍ଶ ଶିକ୍ଷକ ଏବଂ ତିନି ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ, ଟିଏସଏଫ୍ ବର୍ତ୍ତମାନ କଳିଙ୍ଗନଗର ଅଞ୍ଚଳରେ ୭୭ଟି ଆଦିବାସୀ ଭାଷା କେନ୍ଦ୍ର ପରିଚାଳନା କରୁଛି । ଏଠାରେ ୩,୦୦୦ରୁ ଅଧିକ ଛାତ୍ରଛାତ୍ରୀ 'ଓଲଚିକି' ଏବଂ 'ୱାରାଙ୍ଗ ଚିଟି' ଭାଷାରେ ଶିକ୍ଷା ଗ୍ରହଣ କରୁଛନ୍ତି, ଯାହା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ଓ ଭାଷାଗତ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

# ପୂଜ୍ୟପୂଜା ସେବା ସଂଗଠନ ଆନୁକୂଲ୍ୟରେ ଗଙ୍ଗାଧର ଜୟନ୍ତି ଓ ରକ୍ଷାବନ୍ଧନ ଉତ୍ସବ ପାଳନ

ବଲାଙ୍ଗିର,୨୮।୮ :(ମନ୍ଥନ) ପୂଜ୍ୟପୂଜା ସେବା ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିର ଠାରେ ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ଜୟନ୍ତି ଓ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଯାଇଛି । ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସତ୍ୟବନ୍ତ ବେଦବାକ୍ ମୁଖ୍ୟ ଅତିଥି ଓ ଡ. ପ୍ରେମଚନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବିଙ୍କର ଜୀବନୀ, ତପସ୍ୱିନୀ କବିତା, କୃଷକ ସଂଗୀତ ତଥା ସାହିତ୍ୟ ସାଧନା



ସହିତ ସମାଜ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ସଭା ଆରମ୍ଭ ରେ ସଂପାଦକ ସୁନାଧର ବନଛୋର ଅତିଥିଙ୍କ ପରିଚୟ ତଥା କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ । ସଭାରେ ଜୟରାମ ମିଶ୍ର, କପିଳ ପତି, ଡା. ଅଶୋକ କୁମାର ସେଠୀ, ସୋମନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, ସୁରଥ ସାହୁ ପ୍ରମୁଖ କବିଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ଉକ୍ତ ସଭାରେ ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ତପସ୍ୱିନୀ ପଶାୟତ ସମସ୍ତ ଭାଇମାନଙ୍କର ମଙ୍ଗଳ କାମନା ସକାଶେ ସମସ୍ତଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଚୁଡେନ୍ଦ୍ର କୁମାର ବେହେରା, ଅରୁଣ କୁମାର ଖୁଆସ, ଶାନ୍ତନୁ କୁମାର ମିଶ୍ର, ସିତାଂଶୁ ଶେଖର ନାୟକ, ବଂଶି ଭୋଇ ସହଯୋଗ କରିଥିଲେ । ଶେଷରେ ପରିଚାଳନା ସଂପଦକ ଧିରେନ୍ଦ୍ ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜରପଡା: ଜରି ପାଲ ପାଇଁ ରାଜସ୍ୱ ସର୍କଲ ଅଫିସ ଠାରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଭିଡ

ଛେଣ୍ଡିପଦା, ୨୮।୮ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଜରପଡା ରାଜସ୍ୱ ସର୍କଲ ଅଫିସ ଠାରେ ଶୁକ୍ରବାର ଜରି ପାଲ ପାଇଁ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା ଙ୍କ ଭିଡ ଲାଗି ରହିଥିଲା । ଜରି ପାଲ ପାଇବା ପାଇଁ ଅଧିକାଂଶ ଲୋକ ଆବେଦନ କରିଥିଲେ । ପ୍ରକାଶ ଯେ, ଗତ କିଛି ଦିନ ତଳେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଅଧିକାଂଶ ଲୋକ ମାନଙ୍କ ମାଟି କାନ୍ଥ ଚାଳ ଛପର ଘର ଭାଙ୍ଗି ଯାଇଛି । ଏଥିସହ କେତେକ ଲୋକଙ୍କ ଆଜ୍ ବେଷ୍ଟ, ଟାଇଲି ଛପର ଘର ଏବଂ ଗୁହାଳ ଘର, ରୋଷେଇ ଘର ଆଦି ଭାଙ୍ଗିବା ସହ ପ୍ରବଳ ବର୍ଷା ଯୋଗୁଁ ଘର ଭିତରେ ବର୍ଷା ପାଣି ଗଳୁଥିବା ଫଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଜରପଡା, ପରା, ଓଗୀ, ତୁକୁଡା ଆଦି ଗ୍ରାମର ଲୋକମାନେ ରାଜସ୍ୱ ନିରୀକ୍ଷକ ଙ୍କ ଜରିଆରେ ତହସିଲଦାର ଙ୍କୁ ଆବେଦନ କରିଥିଲେ । ମାତ୍ର ଲୋକ ରୁଣ୍ଡ ହେବା ପରେ ଜରି ପାଲ ପାଇଁ ନାହିଁ ନଥିବା ପରିସ୍ଥିତି ଦେଖାଦେଇଥିଲା । ଖବର ପାଇ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ପହଞ୍ଚି ଥିଲେ । ତେବେ ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଙ୍କ ଦ୍ୱାରା ସଠିକ ଭାବେ ତଦନ୍ତ ଏବଂ ଅନୁସନ୍ଧାନ ବିବରଣୀ ପ୍ରସ୍ତୁତ କରାଗଲା ପରେ କ୍ଷତିଗ୍ରସ୍ତ ହିତାଧିକାରୀ ତାଲିକା ଚୟନ କରାଯିବ । ଏହାପରେ ଯାଇ ରାଜସ୍ୱ ବିଭାଗ ତଥା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ଜରି ପାଲ ପ୍ରଦାନ କରିବା ସହ ସରକାରୀ ସହାୟତା ମଞ୍ଜୁର କରାଯିବ ବୋଲି ରୁଣ୍ଡ ହୋଇଥିବା ପ୍ରଜା ମାନଙ୍କୁ ବୁଝାସୁଝା କରିଥିଲେ । ଏହାପରେ ରାଜସ୍ୱ ନିରୀକ୍ଷକ ଏବଂ କର୍ମଚାରୀ ମାନଙ୍କୁ ତୁରନ୍ତ ତଦନ୍ତ ଏବଂ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ଦୁର୍ଗାପୁର ରାଜସ୍ୱ ସର୍କଲ ଅଧୀନରେ ଥିବା ଅଧିକାଂଶ ଗ୍ରାମବାସୀଙ୍କ ମାଟି କାନ୍ଥ ଚାଳ ଛପର ଘର, ରୋଷେଇ ଘର, ଗୁହାଳ ଘର ଆଦି ଭାଙ୍ଗି ଯାଇଥିବା ଯୋଗୁଁ ଜରି ପାଲ ଏବଂ ସରକାରୀ ସହାୟତା ମଞ୍ଜୁର ଅଧିକାଂଶ ଲୋକ ଆବେଦନ କରିଛନ୍ତି । ଅନ୍ୟ ପକ୍ଷରେ ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।



# ନବରଂଗପୁର ଠାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ

ନବରଙ୍ଗପୁର,୨୮।୮ :(ମନ୍ଥନ)ନବରଂଗପୁର ସହର ସ୍ଥିତ ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ ସମାବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଲାଠିପଡା ଠାରେ ରାଜ୍ୟ ସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରେ ମାନନ୍ୟର ମୁଖ୍ୟମନ୍ତ୍ରୀ ଙ୍କ ଅଭିଭାଷଣ କୁ ଏହି ଜିଲ୍ଲା ସ୍ତରୀୟ ଉତ୍ସବ ରେ ଅତିଥି ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ।ମୁଖ୍ୟମନ୍ତ୍ରୀଙ୍କ କରକମଳରେ ରାଜ୍ୟରେ ଆଜି ୧ କୋଟି ରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ତାଙ୍କ ଜମାଖାତାରେ ସୁଭଦ୍ରା ଯୋଜନାର ୫ମକିସ୍ତି ମୋଟ ୫ ହଜାର କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଗଲା ।



ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ଥିତି କୁ ସୁଦୃଢ଼ କରିବାରେ ସହାୟକ ହେଉଛି ଏବଂ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରୋତ୍ସାହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ ।ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଚଳନ ପୂର୍ବକ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ଏବଂ ଏହି ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ନିଜକୁ ଆର୍ଥିକ ଦିଗରେ ସୁରକ୍ଷିତ କରିଛନ୍ତି ବୋଲି କହିଥିଲେ । ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଆଜି ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୩୦୫୬୯୬ ଜଣ ମହିଳା ହିତାଧିକାରୀଙ୍କୁ ପ୍ରତ୍ୟେକ ବ୍ୟାଙ୍କ୍ ଜମାଖାତା ରେ ୫ମ କିସ୍ତି ୫୦୦୦ ଟଙ୍କା ଜମା ହୋଇ ମୋଟ ୧୫୨ କୋଟି ୮୪ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।ସୂଚନା ଯୋଗ୍ୟ ଯେ ସୁଭଦ୍ରା ଯୋଜନାର ପ୍ରତ୍ୟେକ ମହିଳା ହିତାଧିକାରୀଙ୍କ ଜମାଖାତା କୁ ଏ ପର୍ଯ୍ୟନ୍ତ ୪ ଟି କିସ୍ତି ରେ ମୋଟ ୨୦,୦୦୦ ଟଙ୍କା ଜମା ହୋଇ ଯାଇଛି । କାର୍ଯ୍ୟକ୍ରମରେ ଅତିଥିଗଣ ଜିଲ୍ଲାରେ ସୁଭଦ୍ରା ଯୋଜନା ଦ୍ୱାରା ଆର୍ଥିକ ଅଭିବୃଦ୍ଧି କରିଥିବା ୩ ଜଣ ହିତାଧିକାରୀ ହେମଲତା ମଲ୍ଲିକ,ବାଲି ହରିଜନ ଏବଂ ମାଣିକ ଖୋରାଙ୍କୁ ସମ୍ମାନିତ କରିଥିଲେ । ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଆଇନଜିବି କିଶୋରୀ ପଟ୍ଟନାୟକ, 'ଶୋଭା' ଅନୁଷ୍ଠାନ କର୍ମକର୍ତ୍ତା,ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ,ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ସୁପରଭାଇଜର, ସି ଡି ପି ଓ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରମା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସଭା ପରିଚାଳନା କରିଥିଲେ ଏବଂ ଚନ୍ଦନା ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ ।

# ଯୁବକର ସନ୍ଦେହ ଜନକ ମୃତ୍ୟୁ

ଡେଲାଙ୍ଗ,୨୮।୮ :(ମନ୍ଥନ)ଡେଲାଙ୍ଗ ଥାନା ଅଧିନସ୍ଥ ଜେନାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଘର ବାରଣ୍ଡାରେ ଶୋଇଥିବା ଅବସ୍ଥାରେ ଯୁବକର ମୃତ୍ୟୁ ହୋଇଛି । ମୃତକ ହେଲେ ପ୍ରକାଶ ଚନ୍ଦ୍ର ସ୍ୱାଇଁ(୩୬) ଜେନାପୁର ଗଣତିପଡା । ତେବେ ମିଳିଥିବା ସୁଚନାମୁତାବକ ଜେନାପୁର ଗଣତିପଡା ଗ୍ରାମର ପୁର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୁଅ ପ୍ରକାଶ ରାତିରେ ଘର ବାରଣ୍ଡାରେ ଶୋଇଥିଲେ । ସକାଳୁ ପରିବାର ଲୋକ ତାକୁ ଡାକିବାରୁ ସେ ଶୁଣିନଥିଲେ । ୧୦୮ ଆମ୍ବୁଲାନ୍ସ ଯୋଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ମୃତକଙ୍କ ବାପା ପୁର୍ଣ୍ଣଚନ୍ଦ୍ର ଡେଲାଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ଡେଲାଙ୍ଗ ପୋଲିସ ଏସଂକ୍ରାନ୍ତରେ ୧୪।୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଶରୀରକୁ ଜବତ କରିଛି । ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇବାସହ ଅଧିକ ତଦନ୍ତ ପାଇଁ ପୁରୀ ରୁ ସାଇଣ୍ଟିଫିକ ଟିମକୁ ନିୟୋଜିତ କରିଛନ୍ତି । ଶବ ବ୍ୟବଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀ ସୁଚନା ଦେଇଛନ୍ତି । ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ରୋଚନା ସ୍ୱାଇଁ ନିଜ ଘରେ ନରହି ୬ମାସ ହେବ ବାପା ଘର ବଲଙ୍ଗା ଥାନା ଅଂଚଳ ସଇରୀ ଗ୍ରାମରେ ରହୁଥିଲେ । ସ୍ୱାମୀ ମୃତ୍ୟୁ ଖବର ସହଜରେ ଗ୍ରହଣ କରିପାରୁନଥିବା ବେଳେ ସଠିକ ତଦନ୍ତ ପାଇଁ ସେ ଦାବୀ କରିଛନ୍ତି ।

# ଆଞ୍ଚଳିକ ମନ୍ଥନ

ଶନିବାର, ୨୯ ଅଗଷ୍ଟ ୨୦୨୬, ଭୁବନେଶ୍ୱର Saturday,29 Aujust 2026, Bhubaneswar












## ନବରଙ୍ଗପୁର ଠାରେ କ୍ରୀଡା ଦିବସ ଉଦଘାଟିତ



ନବରଙ୍ଗପୁର,୨୮।୮ :(ମନ୍ଥନ) ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମ୍ ର ଇଣ୍ଡର କକ୍ଷ ରେ ଜିଲ୍ଲା ସ୍ତରୀୟ କ୍ରୀଡା ଦିବସ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ଦୀପ ପ୍ରଜ୍ୱଳନ ପୂର୍ବକ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବରେ କ୍ରୀଡା ଦିବସ ଉଦଘାଟିତ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ପ୍ରକଳ୍ପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଲା କ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇ ହକି ଯାଦୁଗର ଧ୍ୟାନଚାନ୍ଦ ଙ୍କ ସ୍ମୃତି ଚାରଣ କରିଥିଲେ । ପାଠ ପଢ଼ିବା ସହ କ୍ରୀଡା ଏବଂ ଯୋଗ କଲେ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ସାଥେ ସାଥେ ନିଜ ପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ମାଝୀ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ କହିଥିଲେ । ଶେଷରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ଉପସ୍ଥିତ ଅତିଥି ମାନେ ନିଶା ମୁକ୍ତ ଭାରତ ଅଭିଯାନ ଉଦ୍ଦେଶ ରେ ଏକ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଭାରପ୍ରାପ୍ତ କ୍ରୀଡା ଅଧିକାରୀ ଶଭାନ ଶ୍ରୀତମ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । କ୍ରୀଡା ଶିକ୍ଷକ ଭିଭାଷିସ ଦେ ମଞ୍ଚ ସଂଯୋଜନା କରିଥିବା ବେଳେ ଅନ୍ୟତମ କ୍ରୀଡା ଶିକ୍ଷକ ଅଜିତ୍ ପରିଜା ଏବଂ କ୍ରୀଡା ବିଭାଗ ପକ୍ଷରୁ ନିରଞ୍ଜନ ନାୟକ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ କ୍ରୀଡା ଦିବସ ନିମନ୍ତେ ପ୍ରଥମ ଥର ପାଇଁ ତିନି ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଦିବସରେ କ୍ରୀଡା ଦିବସ ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହେବ ଏବଂ ଶେଷ ଦିବସରେ ସ୍ଥାନୀୟ ସଦାଶିବ ତ୍ରିପାଠୀ ପାର୍କ ଠାରୁ ଏକ ସାଇକେଲ ରେଲି ବାହାରି ରାଜା ଚୈତନ୍ୟ ଦେବ ନୋଡାଲ ବିଦ୍ୟାଳୟ ପଡିଆରେ ଶେଷ ହେବ ଏବଂ ସେଠାରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ ଅନୁଷ୍ଠିତ ହେବା ସହ ଦ୍ୱିତୀୟ ଦିବସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ସଫଳ ହୋଇଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବ ।

### ପ୍ରତିଶ୍ରୁତି ପରେ ବି ଅବହେଳିତ ସହିଦ ପରିବାର

## ଲୁଣିଆ ଓ ଇରମରେ ୮୪ ତମ ସହିଦ ଦିବସ ବର୍ଜନ କରିବାକୁ ଚେତାବନୀ



ଧାମନଗର, ୨୮।୮ :(ମନ୍ଥନ)ଭଦ୍ରକ ଜିଲ୍ଲାର ବହୁ ସ୍ୱାଧିନତା ସଂଗ୍ରାମୀ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତଛାଡ ଆନ୍ଦୋଳନ ସକ୍ରିୟ ଭୂମିକା ସହିତ କର ବା ମର ପରିସ୍ଥିତି ନିଜ ଜୀବନକୁ ଝାସ ଦେଇଥିଲେ । ସେହି ଆନ୍ଦୋଳନରେ ଭଦ୍ରକ ଜିଲ୍ଲାର ବହୁ ଛାତ୍ର ଓ ଯୁବକମାନେ ବାଲ୍ୟ ଅବସ୍ଥାରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲହୁ ଲୁହାଣ ହେବା ସହିତ କାଳ କୋଠରୀରେ ବନ୍ଦୀ ଜୀବନ କଟାଇଥିଲେ । ସେଥି ମଧ୍ୟରୁ ବହୁ ଆନନ୍ଦୋଳନକାରୀ ନିଜ ଜୀବନ ମଧ୍ୟ ହରାଇଥିଲେ । ଦେଶ ଓ ମାଟି ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ପରିବାର ଆଜି ନିଜ ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ ନେଇ ଆଜି ଭଦ୍ରକ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ନେତୃତ୍ୱରେ ଜିଲ୍ଲାର କିଛି ସ୍ମୃତି ହୋଇ ବୟସର ଅପରାହ୍ନରେ ପହଞ୍ଚିଥିବା ହାତଗଣତି ସ୍ୱାଧୀନତା ସଂଗ୍ରାମୀ ଓ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଲୁଣିଆ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୯ ସହିଦ ପରିବାରର ସଦସ୍ୟ ଏବଂ ବାସୁଦେବପୁର ବ୍ଲକର ଐତିହାସିକ ଇରମ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୨୯ ସହିଦଙ୍କ ପରିବାରର ଉତ୍ତରାଧିକାରୀ ଯଥା ହରେକୃଷ୍ଣ ପଲାଇ, ଦୟାନିଧି ବେହେରା, ଅଖୟ ମହାଳିକ, ଲୋପାମୁଦ୍ରା ନାୟକ, କୁନ୍ତଳା ମହାଳିକ, ସୁବାଶ ମହାଳିକ, ମହେଶ୍ୱର ସାହୁ, ମାୟାଧର ଯେନା ପ୍ରମୁଖ ଏକଜୁଟ ହେବା ସହିତ ସରକାରୀ ଅବହେଳାର ଶିକାର ହୋଇଥିବା କଥା ବଖାଣିଛନ୍ତି । ସେମାନଙ୍କର କହିବା କଥା ହେଉଛି ଆମେ ସରକାରଙ୍କ ନିକଟରେ ଦୀର୍ଘ ବର୍ଷ ଧରି ନିଜର ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦାବି ପୂରଣ ହେଉନାହିଁ । ଖୋଦ ଆମ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ମସିହା ଅଗଷ୍ଟ ୯ ତାରିଖରେ ସହିଦ ପରିବାରଙ୍କ ପାଇଁ ସ୍ୱତନ୍ତ୍ର କୁଟୁମ୍ବ ଯୋଜନା ମାଧ୍ୟମରେ ସହିଦ ପରିବାରର ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହିତ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବା, ପେନସନ ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇଦେବା ବୋଲି କୁହାଯାଇଥିଲେ ମଧ୍ୟ ଦୀର୍ଘ ୨ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନଥିବା ସେମାନେ କହିଛନ୍ତି । ସହିଦ ପରିବାର ସଦସ୍ୟମାନଙ୍କ କହିବା କଥା ହେଉଛି ପୂର୍ବ ସରକାର ସମୟରେ ମଧ୍ୟ ସେମାନଙ୍କ ଦାବି ପ୍ରତି କୌଣସି ଗୁରୁତ୍ୱ ଦିଆଯାଇନଥିଲା । ବର୍ତ୍ତମାନର ସରକାର ଆସିବା ପରେ ନୂଆ ଆଶା ସୃଷ୍ଟି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଫଳରେ ଅନେକ ସହିଦ ପରିବାର ଆଜି ମଧ୍ୟ ଦୁର୍ଦ୍ଦିନ ଅବସ୍ଥାରେ ଜୀବନଯାପନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ କରିଛନ୍ତି । ସହିଦ ପରିବାରଙ୍କ ପ୍ରଶ୍ନ— ଯେଉଁ ପୂର୍ବଜମାନେ ଏହି ମାଟି ପାଇଁ ନିଜ ପ୍ରାଣ ଉତ୍ସର୍ଗ କରିଥିଲେ, ସେମାନଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କାହିଁକି ଉଚିତ ସମ୍ମାନ ଓ ସରକାରୀ ସ୍ୱୀକୃତି ମିଳୁନାହିଁ ? । ସହିଦ ପରିବାର ସଦସ୍ୟମାନଙ୍କ ଦାବି ହେଉଛି ଯଦି ଦେଶର ଅନ୍ୟାନ୍ୟ ରାଜ୍ୟରେ ସହିଦ ପରିବାରଙ୍କ ପାଇଁ ଆର୍ଥିକ ସହାୟତା ସମେତ ବିଭିନ୍ନ ସ୍ୱତନ୍ତ୍ର ସୁବିଧା ରହିଛି । ତାହେଲେ କାହିଁକି ଓଡ଼ିଶାରେ ସେମାନଙ୍କ ପରିବାର ପାଇଁ ଏଭଳି ସ୍ପଷ୍ଟ ଓ ସ୍ଥାୟୀ ବ୍ୟବସ୍ଥା କାହିଁକି କରାଯାଉନାହିଁ । ଯଦି ସରକାର ଘୋଷଣା କରିଥିବା କୁଟୁମ୍ବ ଯୋଜନାର ସମସ୍ତ ସୁବିଧା ଲାଗୁ ନକରନ୍ତି ତେବେ ଆଗାମୀ ୨୦୨୬ ସେପ୍ଟେମ୍ବର ୨୨ ତାରିଖରେ ଲୁଣିଆରେ ପାଳିତ ହେବାକୁ ଥିବା ୮୪ତମ ସହିଦ ଦିବସକୁ ସହିଦ ପରିବାର ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ୨୦୨୬ ସେପ୍ଟେମ୍ବର ୨୮ ତାରିଖରେ ଇରମରେ ପାଳିତ ହେବାକୁ ଥିବା ସହିଦ ଦିବସରେ ମଧ୍ୟ ସେମାନେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

## ଭକ୍ତ ଦାସିଆ ପୀଠରେ ଝୁଲଣ ପର୍ବ ଉଦଯାପିତ

ପିପିଲି ,୨୮।୮ :(ମନ୍ଥନ) ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ,ତେଇଶିପୁର ପଞ୍ଚାୟତ ଅଧିନସ୍ଥ ବାଲିଗାଁ ପୀଠ ରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଝୁଲଣ ପର୍ବ ମହାସମାରୋହରେ ୬ଦିନ ବ୍ୟାପି ପାଳିତ ହୋଇଯାଇଥିଲା । ଶୁକ୍ରବାର ଏହା ଉଦଯାପିତ ହୋଇଯାଇଛି । ଭକ୍ତ ଦାସିଆ ସ୍ମୃତି କମିଟିର ଆନୁକୂଲ୍ୟରେ ଶ୍ରାବଣ କୃଷ୍ଣପକ୍ଷ ପୁତ୍ରଦା ଏକାଦଶୀ ଠାରୁ ଗହ୍ମାପୂର୍ଣ୍ଣିମା ପର୍ଯ୍ୟନ୍ତ ଦ୍ୱାପର ଯୁଗର ପ୍ରଭୁ ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କ ଝୁଲଣ କୁଞ୍ଜର ରାସଲୀଳାକୁ ସ୍ମରଣ କରି କାହିଁ କେଉଁ ଅତୀତକାଳରୁ ଚାଲିଆସିଥିବା ଏହି ପରମ୍ପରାକୁ ପାଳିତ କରାଯାଇଥିଲା । ଏହି ଅବସରରେ ପ୍ରତିଦିନ ଦାସିଆ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଆଳତୀ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କସହ ଗୁରୁଣ୍ଡି ଗୋପାଳ ଝୁଲଣ କୁଞ୍ଜରେ ବିରାଜମାନ କରିଥାନ୍ତି । ନିକଟବର୍ତ୍ତୀ ଅଞ୍ଚଳରୁ ଅନେକ ସଙ୍ଗୀତଜ୍ଞ, ଶିଶୁ କଳାକାରମାନଙ୍କ ସହଯୋଗ ତଥା ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ, ଓଡିଶୀନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ଅନୁଷ୍ଠାନ ତରଫରୁ ଶ୍ରୀ ହୃଷିକେଶ ଜେନା, ପ୍ରଦୀପ ମହାନ୍ତି, ଚନ୍ଦ୍ରଶେଖର ସେନାପତି, ଅକ୍ଷୟ କୁମାର ବେହେରା, କାଳନ୍ଦୀ ଚରଣ ପରିଡା, ସନାତନ ବଳ ଓ ନାରାୟଣ ବାରିକଙ୍କୁ ସେମାନଙ୍କର ପୈଦାନ୍ୟାତା ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସ୍ମୃତି କମିଟିର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ମନୋଜ କୁମାର ଦାସ, ଚଳଚିତ୍ର ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ପରିଡା, ଡଃ ନାରାୟଣ ମହାପାତ୍ର, ଓ୍ୱାଲେଟ୍ ଫର୍ ହେଥ୍ ମ୍ୟାନେଜ୍‌ମେଣ୍ଟ ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ସରୋଜ କୁମାର ପରିଡା, ପଞ୍ଚାନନ ନାୟକ, ବିଶିଷ୍ଟ ସଙ୍ଗୀତଜ୍ଞ ଅଜୟ ଦାସ, ମନୋରଞ୍ଜନ ମହାନ୍ତି, ତେଜଶ୍ୱନୀ ରଥ, ତ୍ରିଲୋଚନ ନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ମୋନାଲିସା ରାଉତ, କବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ରାଉତ, ନିରଞ୍ଜନ ସାହୁ, ପଞ୍ଚୁଜେନା, ପ୍ରଫୁଲ୍ଲ ବିଶ୍ୱାଳ, ଲକ୍ଷ୍ମୀଧର ମହାରଣା, ଆଦି ସୁଲଳିତ ପୁରାତନ ଭଜନ ପରିବେଷଣ କରିଥିଲେ । ବାଲିଙ୍ଗା ଗ୍ରାମର ଗ୍ରାମବାସୀ ଏବଂ କୃଷ୍ଣଚନ୍ଦ୍ର ଲେଙ୍କା, ଗିରିଧାରୀ ପଲାଇ, ଜୟକୃଷ୍ଣ ରାଉତ ପ୍ରମୁଖ ପ୍ରତ୍ୟହ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଦେବନୀତିରେ ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା, ପ୍ରସନ୍ନ କୁମାର ପଣ୍ଡା ଦାୟିତ୍ୱ ସଂପୂର୍ଣ୍ଣ କରିଥିଲେ । ସୀତାଂଶୁ ଶେଖର ରାଉତ ଓ ଅନ୍ୟମାନଙ୍କ ଦ୍ୱାରା ସଂସ୍କୃତି ବିଭାଗର ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



## ସାଇବର ଠକେଇ ଓ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, ୨୮।୮ :(ମନ୍ଥନ) ବୁଗୁଡ଼ା ପୋଲିସ ଥାନା ଅଧିନସ୍ଥ ବାଲିପଦର ଫାଣ୍ଡି ପରିସରରେ ସାଇବର ଠକେଇ ଓ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର ଏସଡିପିଓ ଦୀପକ କୁମାର ମିଶ୍ର , ବୁଗୁଡ଼ା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଓ ମହେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ସମ୍ପର୍କରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ଭଳି ଅପରାଧିକ ଘଟଣାଠାର ଶିକାର ନହେବା ପାଇଁ କଣ କରିବା ଉଚିତ ଏବଂ କଣ କରିବା ଅନୁଚିତ ସେନେଇ ଆଲୋକପାତ କରାଯାଇଥିଲା ।

## ଜଗତସିଂହପୁର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚିତ

ଜଗତସିଂହପୁର,୨୮।୮ :(ମନ୍ଥନ) ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ କମିଟି ନିର୍ବାଚନ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ ଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ୍ ନିର୍ବାଚନ ଅଧିକାରୀ ଓ ଜଗତସିଂହପୁର ତହସିଲଦାର୍ ଅଜୟ କୁମାର ମହାନ୍ତି ସହ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ । ସାଧାରଣ ପରିଷଦ ବୈଠକ ପରେ ପ୍ରଥମେ କାର୍ଯ୍ୟକାରିଣୀ କମିଟି ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା । କାର୍ଯ୍ୟକାରିଣୀ କମିଟିକୁ ବିପ୍ଳବ ଚୌଧୁରୀ, ଶାରଦା ପ୍ରସାଦ ଦାସ, ପ୍ରଶାନ୍ତ କୁମାର ମହାପାତ୍ର,ଗଣେଶ୍ୱର ମାଣିଆ,ବିଜୟ କୁମାର ରାଉତ,ମାନସ କୁମାର ରଥ,ଡଃ ସୁଧିର କୁମାର ମହାନ୍ତି, ନରେଶ ଦାସ, ମନୋଜ ଦାଶ, ଦୁର୍ଯ ?ଧନ ମହାରଣା,ମାନସ କୁମାର କାନୁନଗୋ, ଡଃ ଜ୍ୟୋତିର୍ମୟୀ ମହାନ୍ତି,ଅବନୀକାନ୍ତ ମହାରଣା, ମନୋଜ କୁମାର ମହାପାତ୍ର,ପ୍ରଭାତ କୁମାର ଦାଶ,ସତ୍ୟବ୍ରତ ବିଶ୍ୱାଳ, ସୁବାସ ଚନ୍ଦ୍ର ରାଉତ, ସୁଷମା ପ୍ରଧାନ,ନିବେଦିତା ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, କୃଷ୍ଣଚନ୍ଦ୍ର ପ୍ରଧାନ,ସନ୍ଦିପ ପାତ୍ର ପ୍ରମୁଖ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ । ଏହାପରେ କାର୍ଯ୍ୟକାରୀ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଂପାଦକ, ଯୁଗ୍ମ ସଂପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ ହୋଇଥିଲା । ଏହାପରେ ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ବିପ୍ଳବ ଚୌଧୁରୀ,ଉପାଧ୍ୟକ୍ଷ ଭାବରେ ବିଜୟ କୁମାର ରାଉତ ଓ ଗଣେଶ୍ୱର ମାଣିଆ, ସାଧାରଣ ସମ୍ପାଦକ ଭାବରେ ସାରଦା ପ୍ରସାଦ ଦାସ ,ଯୁଗ୍ମ ସମ୍ପାଦକ ଭାବେ ମାନସ କୁମାର କାନୁନଗୋ ଓ ମନୋଜ କୁମାର ମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବରେ ଅବନୀକାନ୍ତ ମହାରଣା ମନୋନୀତ ହୋଇଥିଲେ । କର୍ମକର୍ତ୍ତା ନିର୍ବାଚନ ପରେ ସମସ୍ତ ନୂତନ କର୍ମକର୍ତ୍ତା ମାନ୍ୟବର ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ସେମାନଙ୍କର ସହଯୋଗ କାମନା କରିଥିଲେ । ପରିଷଦର ବରିଷ୍ଠ ସଦସ୍ୟ ନଟବର ବାରିକ, ଅମ୍ବିକା ପ୍ରସନ୍ନ ମହାନ୍ତି,ହେମନ୍ତ କୁମାର ରଥ, ଦେବୀ ପ୍ରସାଦ ଚୌଧୁରୀ,ଡ଼ କୈଳାସ ମଲ୍ଲିକ, ପ୍ରଦୀପ୍ତ ଚୌଧୁରୀ,ତିଳୋତ୍ତମା ଦାଶ, ମଧୁସୁଦନ ସାହୁ, ପରିକ୍ଷିତ ପାଢ଼ୀ, ରମାକାନ୍ତ ସାହୁ,ବିବୁଧ କୁମାର ମହାନ୍ତି,ପ୍ରତିଭାରାଣୀ ରାୟ, ପୂର୍ଣ୍ଣଚନ୍ଦ୍ର ମଲ୍ଲ,ଦୁର୍ଯ୍ୟୋଧନ ରଣା, ଉମାକାନ୍ତ ଦାଶ , ଜ୍ୟୋତି ରଞ୍ଜନ ଜେନା,ଦିଲ୍ଲିପ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନନ୍ଦମାର୍ଗ ରିଲିଫ ଟିମ ପକ୍ଷରୁ ୨ୟଥର ରିଲିଫ ପ୍ରଦାନ

କେନ୍ଦ୍ରାପଡ଼ା,୨୮।୮ :(ମନ୍ଥନ)ବ୍ରାହ୍ମଣୀ, ଖରସ୍ରୋତା, ଓ କାଣୀ ନଦୀ ଦ୍ୱାରା ଲଗାତର ଭାବେ ଦୁଇଥର ବନ୍ୟା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅନେକ ପଞ୍ଚାୟତକୁ ଜଳାର୍ଣ୍ଣବ କରିରଖିଛି । ସେଥିମଧ୍ୟରୁ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମର ଜେନାସାହି, ତରଡିପାଳ ପଞ୍ଚାୟତର ଦାସ ସାହି, ମଳିକ ସାହି ଓ ନାଥ ସାହିର ଲୋକମାନେ ସମ୍ପୂର୍ଣ୍ଣ ଜଳବନ୍ଦୀ ମଧ୍ୟରେ ଅଛନ୍ତି । ଗତ ସପ୍ତାହେ ହେବ ରିଲିଫ୍ ସାମଗ୍ରୀ ଯଥା ଅଟା, ଚୁଡା, ଆଳୁ, ବିସ୍କୁଟ, ମହମବତୀ , ଦିଆସିଲି ଇତ୍ୟାଦି ସହିତ ଆନନ୍ଦମାର୍ଗର ସଦସ୍ୟ ମାନେ ବିଭିନ୍ନ ପର୍ଯ୍ୟାୟରେ ଜଳବନ୍ଦୀ ସ୍ଥାନକୁ ଡଙ୍ଗା ସାହାଯ୍ୟରେ ପହଞ୍ଚି ପ୍ରାୟ ୩୦୦ ପରିବାରର ଲୋକମାନଙ୍କୁ ରିଲିଫ ପ୍ରଦାନ କରିଥିଲେ ।

## ଛେଣ୍ଡିପଦା ଓ ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

ଛେଣ୍ଡିପଦା,୨୮।୮ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବାସୁଦେବ ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁନି କୁନି ଛାତ୍ରୀ ମାନେ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ଭଉଣୀ ଭାଇ ମଧ୍ୟରେ ଥିବା ଅନାବିଳ ସ୍ନେହ ଆଦର ପବିତ୍ର ସମ୍ପର୍କ କୁ ଆଧାର କରି ଅଧ୍ୟୟନ ରତ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେହିପରି ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳନ କରାଯାଇଥିଲା । ତେବେ ସମସ୍ତ ଛାତ୍ରୀ ମାନେ ଯଥାବିଧି ପୂଜାନୀତି ପୂର୍ବକ ପାରମ୍ପରିକ ରୀତିନୀତି ଅନୁଯାୟୀ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏଥିସହ ଜରପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, କର୍ମଚାରୀ,ଥାନା ଅଧିକାରୀ ଏବଂ କର୍ମଚାରୀ ଙ୍କ ଗ୍ରାମ ଓ ବଜାର ପରିକ୍ରମା କରି ଘରେ ଘରେ ରାକ୍ଷୀ ବାନ୍ଧିଥିଲେ । ସେହିପରି କୋଶଳା, ସାପୁଇ ସାହି,ବାଲିପଟ୍ଟା,ବରପଦା , କୋରଡ଼ା, ବାଗ ଡିଆ,ଗଡ ମଣ୍ଡଳ , ମରାଡିରା, ବଡ କେରେଜାଙ୍ଗ ଆଦି ସ୍ଥାନରେ ଏହି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି ।

## ଡ୍ରାଇଭର ଓ ଲୋକ ପାଇଲଟ ଙ୍କୁ ରାକ୍ଷୀ ବାନ୍ଧି ସୁରକ୍ଷା କାମନା କଲା ବିଜେପି ମହିଳା ମୋର୍ଚ୍ଚା

ଅନୁଗୋଳ,୨୮।୮ :(ମନ୍ଥନ) ଅନୁଗୋଳ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରତିମା ମିଶ୍ର ଙ୍କ ନେତୃତ୍ୱରେ ଅଭିନବ ଢଙ୍ଗରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି । ବିଜେପି ଜିଲ୍ଲା କାର୍ଯ୍ୟାଳୟ ରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ ଙ୍କୁ ରାକ୍ଷୀ ବାନ୍ଧି ଥିଲେ ମହିଳା ମୋର୍ଚ୍ଚା ର କର୍ମକର୍ତ୍ତା । ପରେ ଡ୍ରାଇଭର ଓ ଲୋକ ପାଇଲଟ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ସେମାନଙ୍କର ସୁରକ୍ଷା କାମନା କରିଥିଲେ ମହିଳା ମୋର୍ଚ୍ଚା କର୍ମକର୍ତ୍ତା । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାନେତ୍ରୀ ଙ୍କ ସମେତ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଶୁଚିସ୍ମିତା ତ୍ରିପାଠୀ, ଜିଲ୍ଲା ଉପ ସଭାନେତ୍ରୀ ନମିତା ଦଳବେହେରା, ସୁଜାତା ଦାସ, ଅପର୍ଣ୍ଣା ଧର, ସ୍ମିତା ପଟ୍ଟନାୟକ, ତିଲୋତ୍ତମା ସାମନ୍ତ, ମଞ୍ଜୁଲତା ସାହୁ, ଜ୍ୟୋତିର୍ମୟୀ ଦେହୁରୀ, ଜୁଲି କୁମାର ସ୍ୱାଇଁ ଙ୍କ ସମେତ ବହୁ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ ।



## ପିପିଏଲ୍ ସମ୍ପ୍ରସାରଣ ଓ ପାରାଦୀପରେ ନୂଆ ପ୍ରକଳ୍ପ ନିମନ୍ତେ ଜନ ଶୁଣାଣି ସଫଳତାର ସହିତ ସମ୍ପନ୍ନ

ପାରାଦୀପ,୨୮।୮ :(ମନ୍ଥନ) ପାରାଦ୍ୱୀପ ଫସ୍‌ଫେଟସ୍ ଲିମିଟେଡ (ପିପିଏଲ୍)ର ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ପାରାଦୀପରେ ନୂତନ ପ୍ରକଳ୍ପଗୁଡିକ ଉପରେ ଜନଶୁଣାଣି ପାରାଦୀପ ପିପିଏଲ୍ ଟାଉନସିପ୍‌ର ଡିଏଭି ପବ୍ଲିକ ସ୍କୁଲଠାରେ ଅଗଷ୍ଟ ୨୮, ୨୦୨୬ ଦିନ ସଫଳତାର ସହିତ ସମ୍ପନ୍ନ ହୋଇଛି । ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ନିରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତାରେ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି), ପାରାଦୀପର ଆଞ୍ଚଳିକ ଅଧିକାରୀ (ଆରଓ) ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ ତଥା ନିୟାମକ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ପାରାଦୀପ ଅତିରିକ୍ତ ଏସପି ଶ୍ରୀ ଅଜିଙ୍କ୍ୟ ମାନେ ଉପସ୍ଥିତ ଥିଲେ ଓ୫୦୦ ରୁ ଅଧିକ ସ୍ଥାନୟୀ ବାସିନ୍ଦା, ଜନ ପ୍ରତିନିଧିଗଣ, ଗୋଷ୍ଠୀ ସଦସ୍ୟବୃନ୍ଦ ଏବଂ ଅନ୍ୟ ସହଭାଗୀମାନେ ଏହି ଜନ ଶୁଣାଣିରେ ଅଂଶଗ୍ରହଣ କରିବା ସହିତ ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ନୂତନ ପ୍ରକଳ୍ପଗୁଡିକ ସମ୍ପର୍କରେ ସେମାନଙ୍କର ମତାମତ ପ୍ରଦାନ କରିବାସହ ଆଶଙ୍କା ଆଦି ବ୍ୟକ୍ତ କରିଥିଲେ । ଅଂଶଗ୍ରହଣକାରୀଙ୍କ ନିକଟରୁ ସମର୍ଥନ ମିଳିଥିବାବେଳେ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକୁ ସବୁଜ ସଂକେତ ମିଳିଥିଲା । ଅନେକ ସ୍ଥାନୀୟ ଅଧିବାସୀ, ଗୋଷ୍ଠୀ ସଦସ୍ୟବୃନ୍ଦ ଏବଂ ଅନ୍ୟ ସହଭାଗୀମାନେ ସମ୍ପ୍ରସାରଣ ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ ତଥା ଜନସମୁଦାୟ ପାଇଁ ହେବାକୁ ଥିବା ସମ୍ଭାବ୍ୟ ଲାଭକୁ ନେଇ ସେମାନଙ୍କର ସକାରାତ୍ମକ ମତାମତ ଦେଇଥିଲେ । ଶୁଣାଣି କାର୍ଯ୍ୟକ୍ରମ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବରେ ପରିଚାଳିତ ହୋଇଥିଲାବେଳେ ପିପିଏଲ୍ ଓ ଏହାର ପରିବେଶ ପରାମର୍ଶଦାତାମାନେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରଶ୍ନ ଓ ପ୍ରସଙ୍ଗଗୁଡିକ ଉପରେ ଉତ୍ତର ରଖିଥିଲେ । ପିପିଏଲ୍ ର ସିଜିଏମ୍- ଏଚ୍‌ଆର୍ ?ଶ୍ରୀ ସୁମିତ ସେନାପତି ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଏହାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ । ଜନ ଶୁଣାଣି ସମୟରେ ସ୍ଥାନୀୟ ଜନ ସମୁଦାୟଙ୍କ ଦ୍ୱାରା ଗଠନମୂଳକ ଅଂଶଗ୍ରହଣ ଓ କରିଥିବା ସମର୍ଥନକୁ ନେଇ ଆମେ ଉତ୍ସାହିତ ଅଛୁ ବୋଲି ଶ୍ରୀ ସେନାପତି କହିଥିଲେ । ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ନୂତନ ପ୍ରକଳ୍ପଗୁଡିକ ପିପିଏଲ୍‌ର ଉତ୍ପାଦନ କ୍ଷମତା ଆହୁରି ସୁଦୃଢ ହେବାସହ ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧି ରେ ବେଷ ସହାୟକ ହୋଇ ପାରିବ ଛ ଏପରିକି ସ୍ଥାନୀୟ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ ବୋଲି ଦୃଢୋକ୍ତିର ସହ ଶ୍ରୀ ସେନାପତି କହିଥିଲେ । ପ୍ରକଳ୍ପକୁ ଦାୟିତ୍ୱସମ୍ପନ୍ନ ଭାବରେ କାର୍ଯ୍ୟକାରୀ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ ଏବଂ ପରିବେଶଗତ ସୁରକ୍ଷା, ସମ୍ବଳର ଦକ୍ଷତା, ନିୟାମକ ଅନୁପାଳନ ତଥା ଆମ ପାରିପାର୍ଶ୍ୱକରେ ଥିବା ଜନସମୁଦାୟଙ୍କର କଲ୍ୟାଣ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବ । ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ସମସ୍ତ ସହଭାଗୀମାନଙ୍କର ଅଂଶଗ୍ରହଣ ପାଇଁ ଆନ୍ତରିକତାର ସହିତ ଧନ୍ୟବାଦ ଜଣାଇ ଅଗ୍ରଗତି କରୁଥିବା ଶିଳ୍ପ କିପରି ଆହୁରି ଆଗକୁ ବଢ଼ି ପାରିବ ସେଥିପାଇଁ ୟୁନିଟ ମୁଖ୍ୟ ଶ୍ରୀ ଏସ.ଗିରିଶ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜମି ଅଧିଗ୍ରହଣ କରାନଯାଇ ପିପିଏଲ୍ କାରଖାନା ପରିସର ମଧ୍ୟରେ ଉକ୍ତ ପ୍ରକଳ୍ପ ସାର ଓ ସ୍ପେଶାଲିଟି ରସାୟନ ଉତ୍ପାଦନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ବିବିଧକରଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପରେ ଏକ ନୂତନ ଏନ୍‌ପି / ଏନ୍‌ପିକେ ଗ୍ରାନୁଲେସନ କମ୍ପ୍ଲେକ୍ସ, ଜିଟିଏସ୍‌ପି, ଆମୋନିୟମ ସଲ୍‌ଫେଟ, କଷ୍ଟମାଇଜଡ ଓ ୱାଟର- ସଲ୍ୟୁବଲ ଫର୍ଟିଲାଇଜର, ମୂଲ୍ୟଯୁକ୍ତ ଜିପ୍‌ସମ ଉତ୍ପାଦସମୂହ, ଗ୍ରୀନ ଆମୋନିଆ, ସ୍ପେଶାଲିଟି ଫ୍ଲୋରିନ ଡେରିଭେଟିଭସ୍ ଏବଂ ଅନ୍ୟ ମୂଲ୍ୟଯୁକ୍ତ ଉତ୍ପାଦଗୁଡିକ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ସମ୍ବଳ ସଂରକ୍ଷଣ, ଆବର୍ତ୍ତୀ ଅର୍ଥନୀତି ଏବଂ ପରିବେଶଗତ ଦୀର୍ଘସ୍ଥାୟିତା ଉପରେ ଉଲ୍ଲେଖନୀୟ ଗୁରୁତ୍ୱ ଦେଉଛି । ସମ୍ପ୍ରତି ରହିଥିବା ଫସଫରିକ ଏସିଡ ପ୍ଲାଣ୍ଟ୍‌ରୁ ଉତ୍ପାଦିତ ଫ୍ଲୋରୋସାଇଲିସିକ୍ ଏସିଡକୁ ଆଲୁମିନିୟମ ଫ୍ଲୋରାଇଡ ଏବଂ ଅନ୍ୟ ଫ୍ଲୋରିନ ଡେରିଭେଟିଭସ୍ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯିବାକୁ ଥିବାବେଳେ ଫସଫୋଜିପ୍‌ସମକୁ ମୂଲ୍ୟଯୁକ୍ତ ଜିପ୍‌ସପ ଉତ୍ପାଦ ଏବଂ ୟୁନିଆ- କ୍ୟାଲସିୟମ ସଲ୍‌ଫେଟ ଭିତ୍ତିକ ସାର ଉତ୍ପାଦନ ନିମନ୍ତେ ବିନିଯୋଗ କରାଯିବ । ପ୍ରସ୍ତାବିତ ଗ୍ରୀନ ଆମୋନିଆ କାରଖାନା ନବୀକରଣଯୋଗ୍ୟ ଶକ୍ତି ଭିତ୍ତିକ ହାଇଡ୍ରୋଜେନକୁ ବ୍ୟବହାର କରିବ, ଯାହା ଜାତୀୟ ସବୁଜ- ଶକ୍ତି ରୂପାନ୍ତରଣ ଏବଂ ନେଟ୍ ଜିରୋ ନିର୍ଗମନ ନିମନ୍ତେ ପିପିଏଲ୍‌ର ଲକ୍ଷ୍ୟ ହାସଲକୁ ସମର୍ଥନ କରିବ । ପ୍ରସ୍ତାବିତ ସମ୍ପ୍ରସାରଣ ସମ୍ପ୍ରତି ରହିଥିବା ଭିତ୍ତିଭୂମି ଏବଂ ସୁବିଧାଗୁଡିକର ସର୍ବାଧିକ ଉପଯୋଗ କରିବ । ପରିବେଶଗତ ସୁରକ୍ଷାଗୁଡିକ ମଧ୍ୟରେ ଜିରୋ ଲିକ୍ୱିଡ ଡିସଚାର୍ଜ (ଜେଡଏଲଡି) ନୀତିସମୂହ ଅଧୀନରେ ଶିଳ୍ପ ବର୍ଜ୍ୟଗୁଡିକର ବିଶୋଧନ ଏବଂ ପୁନଃବ୍ୟବହାର, ସିୱେଜ ବିଶୋଧନ ଓ ପୁନଃବ୍ୟବହାର, ଉନ୍ନତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାସମୂହ, ନିରନ୍ତର ଅନ୍‌ଲାଇନ ନିର୍ଗମନ ନିରୀକ୍ଷଣ, ବୈଜ୍ଞାନିକ ଉପାୟରେ ବର୍ଜ୍ୟ ପରିଚାଳନା ଏବଂ ସବୁଜ ବଳୟ ତଥା ପରିବେଶଗତ ନିରୀକ୍ଷଣ ବ୍ୟବସ୍ଥାଗୁଡିକ ସୁଦୃଢ କରିବା ଆଦି ଅନ୍ତର୍ଭୁକ୍ତ । ଜନ ଶୁଣାଣି ସଫଳତାର ସହିତ ସମ୍ପନ୍ନ ହେବା ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ବୈଧାନିକ ପରିବେଶଗତ ଅନୁମୋଦନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହୋଇଛି । ଦାୟିତ୍ୱସମ୍ପନ୍ନ ଶିଳ୍ପ ବିକାଶ, ପରିବେଶଗତ ସୁରକ୍ଷା, ନିୟାମକ ଅନୁପାଳନ ଏବଂ ସ୍ଥାନୀୟ ଜନସମୁଦାୟଙ୍କ ସହିତ ନିରନ୍ତର ନିୟୋଜିତ ରହିବା ନେଇ ପିପିଏଲ୍‌ର ନିଜର ପ୍ରତିବଦ୍ଧତାକୁ ପୁନଃଦୋହରାଇଛି । ଏହାର ସିଏସ୍ ?ଆର ଏବଂ ଗୋଷ୍ଠୀ ବିକାଶ ପ୍ରୟାସଗୁଡିକ ଜରିଆରେ କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକାରେ ପରିବର୍ଦ୍ଧନ, ପରିବେଶଗତ ସଂରକ୍ଷଣ, ଜଳ ଓ ପରିମଳ ଏବଂ ଗୋଷ୍ଠୀ କଲ୍ୟାଣ ଆଦି କ୍ଷେତ୍ରଗୁଡିକୁ ନିରନ୍ତର ସମର୍ଥନ ଜାରି ରଖିବ । ଜନ ଶୁଣାଣି କାର୍ଯ୍ୟକ୍ରମ ଏକ ସକାରାତ୍ମକ ଏବଂ ଗଠନମୂଳକ ପରିବେଶରେ ସମାପ୍ତ ହୋଇଥିଲା, ଯାହା ପାରାଦୀପ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶରେ ସହଭାଗୀମାନଙ୍କର ଅଂଶଗ୍ରହଣର ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା ।




## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ପଞ୍ଚମ କିସ୍ତି

କେନ୍ଦ୍ରାପଡ଼ା,୨୮।୮ :(ମନ୍ଥନ)ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ସ୍ୱାଭିମାନ, ସ୍ୱାବଲମ୍ବନ ଓ ଆର୍ଥିକ ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଛନ୍ତି । ନୟାଗଡ଼ ଜିଲ୍ଲାର ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁଭଦ୍ରା'ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଥିଲେ । ଏହାସହ ସମନ୍ୱୟ ରଖି କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, କେନ୍ଦ୍ରାପଡ଼ା ପକ୍ଷରୁ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ପରିବାରର ଆର୍ଥିକ ପ୍ରଗତିରେ ସେମାନଙ୍କ ଅଧିକ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡିପିସି (ମମତା) ମନୋରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ମହିଳା ହିତାଧିକାରୀମାନେ ଉପସ୍ଥିତ ଥିଲେ ।

ଶନିବାର ୨୯ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

Saturday, August 29 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କ୍ରୀଡ଼ା ଜଗତରେ ଓଡ଼ିଶାର ଅମର ଅବଦାନ

କ୍ରୀଡ଼ା କେବଳ ଜିତିବା ଓ ହାରିବାର ଏକ ପ୍ରତିଯୋଗିତା ନୁହେଁ; କ୍ରୀଡ଼ା ହେଉଛି ଜୀବନକୁ ଜିତିବାର କଳା, ପରାଜୟ ପରେ ପୁଣି ଉଠି ଦାଁଡ଼ିବାର ସାହସ, ଘାମର ପ୍ରତ୍ୟେକ ବିନ୍ଦୁକୁ ସଫଳତାରେ ପରିଣତ କରିବାର ତପସ୍ୟା, ଶୃଙ୍ଖଳାକୁ ଜୀବନର ଅଂଶ କରିବାର ଅଭ୍ୟାସ ଏବଂ ନିଜ ସ୍ୱପ୍ନକୁ ଦେଶର ସ୍ୱପ୍ନ ସହ ଯୋଡ଼ିବାର ମହାନ ମାଧ୍ୟମ। ଅଗଷ୍ଟ ୨୯ ତାରିଖ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ସ୍ମରଣୀୟ ଦିନ। ମହାନ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ସ୍ମରଣ କରି ଦେଶବ୍ୟାପୀ ଭାବେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ଧ୍ୟାନଚାନ୍ଦଙ୍କ ଅପୂର୍ବ କ୍ରୀଡ଼ା ପ୍ରତିଭାକୁ ସ୍ମରଣ କରାଇବା ସହ ଆମ ଦେଶର ଯୁବପିଢ଼ିକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାର ଏକ ମହାନ ଅବସର ଦେଇଥାଏ। ଭାରତର କ୍ରୀଡ଼ା ଇତିହାସକୁ ଯଦି ଗୋଟିଏ ବିଶାଳ ଚିତ୍ରପଟ ଭାବେ ଦେଖାଯାଏ, ତେବେ ସେହି ଚିତ୍ରପଟରେ ଓଡ଼ିଶାର ଅବଦାନ ଏକ ଉଜ୍ଜ୍ୱଳ ରଙ୍ଗ ଭଳି ଦେଖାଯାଏ। ଓଡ଼ିଶା ଆଜି କେବଳ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି, କୋଣାର୍କର କଳାଭୂମି, ଧଉଳିର ଶାନ୍ତିଭୂମି କିମ୍ବା ମହୋଦଧିର ଗୌରବଭୂମି ନୁହେଁ; ଓଡ଼ିଶା ଆଜି ଭାରତୀୟ କ୍ରୀଡ଼ାର ଏକ ଶକ୍ତିଶାଳୀ ପ୍ରତିଭାଭୂମି। ବିଶେଷକରି ହକି କଥା ଉଠିଲେ ଓଡ଼ିଶାର ନାମ ସମ୍ମାନର ସହିତ ଉଚ୍ଚାରିତ ହୁଏ। ସୁନ୍ଦରଗଡ଼ ଜିଲ୍ଲାର ମାଟି ଦଶନ୍ଧି ଦଶନ୍ଧି ଧରି ଭାରତୀୟ ହକିକୁ ଅସଂଖ୍ୟ ପ୍ରତିଭା ଦେଇଆସିଛି। ଏହି ମାଟିରୁ ଉଠି ଆସିଥିବା ଦିଲୀପ ତିର୍କୀ ଭାରତୀୟ ହକିରେ ନେତୃତ୍ୱ, ଦୃଢ଼ତା ଓ ଶୃଙ୍ଖଳାର ଏକ ଅଲଗା ପରିଚୟ ସୃଷ୍ଟି କରିଛନ୍ତି। ଇଗ୍ନେସ ତିର୍କୀ, ଲାଜରୁସ ବାର୍ଲା, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସଙ୍କ ପରି ଖେଳାଳିମାନେ ମଧ୍ୟ ଭାରତୀୟ ହକିର ସଫଳତାରେ ନିଜସ୍ୱ ଛାପ ଛାଡ଼ିଛନ୍ତି। ମହିଳା ହକିରେ ଦୀପ୍ ଗ୍ରେସ୍ ଏକ୍କା, ନମିତା ଟୋପ୍ପ?, ଲିଲିମା ମିଞ୍ଜଙ୍କ ପରି ଓଡ଼ିଆ ଝିଅମାନେ ଦେଶର ଗୌରବ ବଢ଼ାଇଛନ୍ତି। ସେମାନଙ୍କ ସଫଳତା ପ୍ରମାଣ କରେ ଯେ ଓଡ଼ିଶାର ଝିଅମାନେ ମଧ୍ୟ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ାମଞ୍ଚରେ ନିଜର ପ୍ରତିଭା ପ୍ରଦର୍ଶନ କରିପାରନ୍ତି। ହକି ସହିତ ଦୌଡ଼ କ୍ଷେତ୍ରରେ ମଧ୍ୟ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିଛି। ଦୁତି ଚାନ୍ଦ ଭାରତୀୟ ଦୌଡ଼ ଜଗତରେ ଓଡ଼ିଶାର ଏକ ଚର୍ଚ୍ଚିତ ନାମ। ତାଙ୍କ ଜୀବନ କେବଳ ବେଗର କାହାଣୀ ନୁହେଁ; ଏହା ସଂଘର୍ଷ, ସାହସ ଓ ପ୍ରତିକୂଳତାକୁ ପରାସ୍ତ କରିବାର କାହାଣୀ। ଗ୍ରାମୀଣ ପରିବେଶରୁ ଉଠି ଦେଶର ଶ୍ରେଷ୍ଠ ଦୌଡ଼ବିଦ୍ ?ମାନଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତ ଭାବେ ଅନେକ ଯୁବତୀଙ୍କୁ ନୂଆ ସ୍ୱପ୍ନ ଦେଖାଇଛି। ପାରା କ୍ରୀଡ଼ାରେ ପ୍ରମୋଦ ଭଗତ ଓଡ଼ିଶାର ନାମକୁ ବିଶ୍ୱମଞ୍ଚରେ ଉଜ୍ଜ୍ୱଳ କରିଛନ୍ତି। ତାଙ୍କ ସଫଳତାର ମୂଳରେ ରହିଛି ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ନିଜ ସୀମାକୁ ନିଜେ ଅତିକ୍ରମ କରିବାର ସାହସ। ସେ ପ୍ରମାଣ କରିଛନ୍ତି ଯେ ଶରୀରର କୌଣସି ସୀମା ମଣିଷର ସ୍ୱପ୍ନକୁ ବନ୍ଦୀ କରିପାରେ ନାହିଁ। ଓଡ଼ିଶାର କ୍ରୀଡ଼ା ଗୌରବ କେବଳ ହକି, ଦୌଡ଼ କିମ୍ବା ପାରା କ୍ରୀଡ଼ାରେ ସୀମିତ ନୁହେଁ। ଭାରୋତ୍ତୋଳନ, ତୀରନ୍ଦାଜୀ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ସନ୍ତରଣ, କୁସ୍ତି, ମୁଷ୍ଟିଯୁଦ୍ଧ, ଫୁଟବଲ, ଭଲିବଲ, ସାଇକେଲ ଚାଳନା, କବାଡ଼ି ଓ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଓଡ଼ିଶାର ଯୁବପିଢ଼ି ନିଜର ସମ୍ଭାବନା ପ୍ରଦର୍ଶନ କରୁଛି। ପ୍ରତ୍ୟେକ କ୍ରୀଡ଼ାର ମୂଳରେ ରହିଛି ଏକ ଶିକ୍ଷା—ଜିତିବା ପୂର୍ବରୁ ନିଜକୁ ଜିତିବାକୁ ପଡ଼ ?। ଏହି ଆତ୍ମବିଜୟ ହିଁ ଜଣେ ସାଧାରଣ ଖେଳାଳିକୁ ଅସାଧାରଣ କରିଥାଏ। ଓଡ଼ିଶାର କ୍ରୀଡ଼ା ଉନ୍ନତିରେ କ୍ରୀଡ଼ା ଭିତ୍ତିଭୂମିର ମଧ୍ୟ ବଡ଼ ଭୂମିକା ରହିଛି। ଭୁବନେଶ୍ୱରର କଳିଙ୍ଗ କ୍ରୀଡ଼ାଙ୍ଗନ ଆଜି ଦେଶ ଓ ବିଦେଶର ବହୁ କ୍ରୀଡ଼ାପ୍ରେମୀଙ୍କ ନଜରରେ ଏକ ପରିଚିତ କ୍ରୀଡ଼ାକେନ୍ଦ୍ର। ରାଉରକେଲାର ବିର୍ସା ମୁଣ୍ଡା କ୍ରୀଡ଼ାଙ୍ଗନ ମଧ୍ୟ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିକୁ ନୂଆ ମାପଦଣ୍ଡ ଦେଇଛି। ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତାର ଆୟୋଜନ ଓଡ଼ିଶାକୁ ଆନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। କିନ୍ତୁ ଏହି ସଫଳତା ଆମକୁ ଆତ୍ମସନ୍ତୁଷ୍ଟ କରିବା ଉଚିତ ନୁହେଁ। କାରଣ ଓଡ଼ିଶାର ପ୍ରତ୍ୟେକ ଗାଁରେ ପ୍ରତିଭା ରହିଛି। କେଉଁଠି ଜଣେ ପିଲା ଖାଲିପାଦରେ ଦୌଡୁଛି, କେଉଁଠି ଜଣେ କିଶୋର ବାଉଁଶ ଖୁଣ୍ଟିକୁ ଗୋଲପୋଷ୍ଟ କରି ହକି ଖେଳୁଛି, କେଉଁଠି ଜଣେ ଝିଅ ଅଭାବ ମଧ୍ୟରେ ନିଜ ସ୍ୱପ୍ନକୁ ଧରି ରଖିଛି। ହୁଏତ ସେମାନଙ୍କ ମଧ୍ୟରୁ ଆଗାମୀ ଦିନର ଭାରତୀୟ ବିଜେତା ଜନ୍ମ ନେବେ। ଆବଶ୍ୟକ କେବଳ ତାଙ୍କୁ ଚିହ୍ନିବା, ଉଚିତ ପ୍ରଶିକ୍ଷଣ ଦେବା ଓ ସୁଯୋଗ ଯୋଗାଇଦେବା। ଆଜିର ଯୁଗରେ କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ; ଏହା ଯୁବପିଢ଼ିକୁ ଶୃଙ୍ଖଳିତ, ସୁସ୍ଥ ଓ ଆତ୍ମବିଶ୍ୱାସୀ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଖେଳପଡ଼ିଆ ଯୁବକୁ ନିରାଶାଠାରୁ ଦୂରେ ରଖେ, ତାଙ୍କ ମନରେ ଦଳୀୟ ଚେତନା ସୃଷ୍ଟି କରେ ଏବଂ ପରାଜୟକୁ ଗ୍ରହଣ କରି ପୁଣି ସଫଳତା ପାଇଁ ଲଢ଼ିବାର ମନୋବଳ ଦିଏ। ତେଣୁ ବିଦ୍ୟାଳୟରେ ପାଠପଢ଼ା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ମିଳିବା ଆବଶ୍ୟକ। ପ୍ରତ୍ୟେକ ଗାଁର ଖେଳପଡ଼ିଆ ସୁରକ୍ଷିତ ହେବା ଆବଶ୍ୟକ। ଝିଅମାନଙ୍କ ପାଇଁ ସୁରକ୍ଷିତ ଓ ସମାନ କ୍ରୀଡ଼ା ସୁଯୋଗ ନିଶ୍ଚିତ କରିବା ଆବଶ୍ୟକ। ପ୍ରତ୍ୟେକ ଜିଲ୍ଲାରୁ ପ୍ରତିଭା ଚିହ୍ନଟ କରି ତାଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଦେବା ଦରକାର। କାରଣ ଆଜିର ଅଜଣା ଖେଳାଳି ହିଁ ଆସନ୍ତାକାଲିର ଦେଶର ଗୌରବ ହୋଇପାରନ୍ତି। ଜାତୀୟ କ୍ରୀଡ଼ା ଦିବସ ତେଣୁ କେବଳ ଏକ ଉତ୍ସବ ନୁହେଁ; ଏହା ଏକ ଆତ୍ମପରୀକ୍ଷାର ଦିନ। ଆମେ ନିଜକୁ ପଚାରିବା ଦରକାର—ଆମ ଶିଶୁମାନଙ୍କୁ ଆମେ କେବଳ ପାଠପଢ଼ାର ଚାପ ଦେଉଛୁ ନା କ୍ରୀଡ଼ାର ମୁକ୍ତ ଆକାଶ ମଧ୍ୟ ଦେଉଛୁ? ଆମେ କେବଳ ପଦକ ଜିତିଥିବା ଖେଳାଳିଙ୍କୁ ସମ୍ମାନ କରୁଛୁ ନା ପଦକ ପାଇଁ ତପସ୍ୟା କରୁଥିବା ଅଜଣା ପ୍ରତିଭାକୁ ମଧ୍ୟ ହାତ ବଢ଼ାଉଛୁ? ଓଡ଼ିଶାର କ୍ରୀଡ଼ା ଭବିଷ୍ୟତର ସତ୍ୟ ସଫଳତା ସେତେବେଳେ ହେବ, ଯେତେବେଳେ ସୁନ୍ଦରଗଡ଼ର ପଡ଼ିଆରୁ ଆରମ୍ଭ କରି ମାଲକାନଗିରି, କୋରାପୁଟ, କନ୍ଧମାଳ, ଗଜପତି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ପିଲାଙ୍କୁ ସମାନ ସୁଯୋଗ ମିଳିବ। ଓଡ଼ିଶାର କ୍ରୀଡ଼ା ଗାଥା ଏପର୍ଯ୍ୟନ୍ତ ଯେତିକି ଗୌରବମୟ, ତାହାଠାରୁ ଅଧିକ ଗୌରବମୟ ଅଧ୍ୟାୟ ଏବେ ଲେଖାଯିବାକୁ ବାକି ଅଛି। ଆମ ପାଖରେ ପ୍ରତିଭା ଅଛି, ଆମ ପାଖରେ ଉତ୍ସାହ ଅଛି, ଆମ ପାଖରେ ପରିଶ୍ରମୀ ଯୁବପିଢ଼ି ଅଛି; ଆବଶ୍ୟକ କେବଳ ଠିକ୍ ଦିଗ, ଠିକ୍ ପ୍ରଶିକ୍ଷଣ ଓ ଠିକ୍ ସୁଯୋଗ। ଆଜି ଧ୍ୟାନଚାନ୍ଦଙ୍କୁ ସ୍ମରଣ କରିବା ସମୟରେ ଆମେ ଦିଲୀପ ତିର୍କୀଙ୍କ ନେତୃତ୍ୱ, ଦୀପ୍ ଗ୍ରେସ୍ ଏକ୍କାଙ୍କ ସାହସ, ଦୁତି ଚାନ୍ଦଙ୍କ ଗତି, ପ୍ରମୋଦ ଭଗତଙ୍କ ଅଦମ୍ୟ ମନୋବଳ ଏବଂ ଓଡ଼ିଶାର ଅନେକ କ୍ରୀଡ଼ାବିତ୍ ?ଙ୍କ ସଫଳତାକୁ ପ୍ରେରଣା କରିବା। ତାଙ୍କ ସଫଳତା ଆମକୁ କେବଳ ଗର୍ବିତ କରେ ନାହିଁ; ଏହା ଆମକୁ ଦାୟିତ୍ୱ ମଧ୍ୟ ଦିଏ। ଆଗାମୀ ପିଢ଼ି ପାଇଁ ଆମେ ଏମିତି ଏକ ଓଡ଼ିଶା ଗଢ଼ିବା, ଯେଉଁଠି ପ୍ରତ୍ୟେକ ପିଲାର ହାତରେ ଖେଳର ସାଧନ ଥିବ, ପ୍ରତ୍ୟେକ ଗାଁରେ ଖେଳପଡ଼ିଆ ଥିବ, ପ୍ରତ୍ୟେକ ପ୍ରତିଭାକୁ ପ୍ରଶିକ୍ଷଣ ମିଳିବ ଏବଂ ପ୍ରତ୍ୟେକ ସ୍ୱପ୍ନକୁ ଉଡ଼ିବାର ଆକାଶ ମିଳିବ। କାରଣ ଯେଉଁ ମାଟି ଦିଲୀପ ତିର୍କୀଙ୍କୁ ଜନ୍ମ ଦେଇଛି, ଯେଉଁ ମାଟି ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଆଗେଇ ଆଣିଛି, ଯେଉଁ ମାଟି ଦୁତି ଚାନ୍ଦଙ୍କୁ ଦୌଡ଼ାଇଛି, ଯେଉଁ ମାଟି ପ୍ରମୋଦ ଭଗତଙ୍କୁ ବିଶ୍ୱବିଜୟର ସ୍ୱପ୍ନ ଦେଇଛି, ସେହି ମାଟିରେ ଆହୁରି ଅନେକ ବିଜୟର ବୀଜ ଲୁଚି ରହିଛି। ଆସନ୍ତୁ, ସେହି ବୀଜକୁ ଅଙ୍କୁରିତ କରିବା। ପଡ଼ିଆକୁ ଜୀବନ୍ତ କରିବା, ପ୍ରତିଭାକୁ ପରିଚୟ ଦେବା, ଯୁବପିଢ଼ିକୁ ସୁଯୋଗ ଦେବା। ତେବେ ହିଁ ଜାତୀୟ କ୍ରୀଡ଼ା ଦିବସର ମହତ୍ତ୍ୱ ସାର୍ଥକ ହେବ। ତ୍ରିରଙ୍ଗା ଯେତେବେଳେ ବିଜୟ ମଞ୍ଚରେ ଉଠିବ, ସେତେବେଳେ ତାହାର ଗୌରବରେ ଓଡ଼ିଶାର ମାଟିର ଘାମ ମଧ୍ୟ ଝଲସିବ। ଆମେ ଗର୍ବରେ କହିପାରିବା—ଏହା କେବଳ ଜଣେ ଖେଳାଳିର ବିଜୟ ନୁହେଁ, ଏହା ଓଡ଼ିଶାର ମାଟିର ବିଜୟ; ଏହା ଓଡ଼ିଶାର ଯୁବଶକ୍ତିର ବିଜୟ; ଏହା ଭାରତର ବିଜୟ। ଏବଂ ସେହି ବିଜୟର ଇତିହାସ ଲେଖିବାର ଦାୟିତ୍ୱ ଆଜି ଆମ ସମସ୍ତଙ୍କ ହାତରେ।

# ଅଦାଲତରେ ପୁଣି ଆସିଲା ଗାନ୍ଧୀ ହତ୍ୟାକାଣ୍ଡ

ଗୋପାଳ ମହାପାତ୍ର

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ହତ୍ୟା ସହ ଯୋଡି ହୋଇଥିବା ଇତିହାସ ଏବେ ପୁଣିଥରେ ଅଦାଲତି କାର୍ଯ୍ୟର କେନ୍ଦ୍ରରେ ରହିଛି। ପୁଣେର ଏକ ଅଦାଲତରେ ଚାଲିଥିବା ଅପରାଧିକ ମାନହାନୀ ମାମଲାର ଶୁଣାଣୀ ବେଳେ ବିନାୟକ ଦାମୋଦର ସାବରକରଙ୍କ ନାତି (ପ୍ରପୌତ୍ର) ସାତ୍ୟକୀ ସାବରକର ମହାତ୍ମାଗାନ୍ଧୀଙ୍କ ହତ୍ୟା ଏବଂ ନାଥୁରାମ ଗୋଡ଼ସେ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଏହି ମାମଲା କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧିଦଳ ନେତା ରାହୁଲଗାନ୍ଧୀଙ୍କ ବିରୁଦ୍ଧରେ ସାତ୍ୟକୀ ସାବରକରଙ୍କ ଦ୍ୱାରା ଦାଏର କରାଯାଇଥିବା ଅପରାଧିକ ମାନହାନୀ ଅଭିଯୋଗ ସହ ଜଡ଼ିତ। ଗତ ଅଗଷ୍ଟ ୧୭ ତାରିଖରେ ରାହୁଲ ଗାନ୍ଧୀଙ୍କ ଓକିଲ ମିଳିନ୍ଦ ପଓ୍ୱାର ସାତ୍ୟକୀ ସାବରକରଙ୍କୁ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ ଅମୋଲ ଶ୍ରୀରାମ ସିନ୍ଧେଙ୍କ ଅଦାଲତରେ ଜେରା କରିଥିଲେ। ଜେରାବେଳେ ମହାତ୍ମାଗାନ୍ଧୀଙ୍କ ହତ୍ୟା, ନାଥୁରାମ ଗୋଡ଼ସେ, ନାରାୟଣ ଆପଟେ, ଗୋପାଳ ଗୋଡ଼ସେ ଏବଂ ବିନାୟକ ଦାମୋଦର ସାବରକରଙ୍କ ସହ ଯୋଡିହୋଇଥିବା ଐତିହାସିକ ଘଟଣାକ୍ରମ ବାବଦରେ ରାହୁଲଙ୍କ ଓକିଲ ସାତ୍ୟକୀ ସାବରକରଙ୍କୁ ପ୍ରଶ୍ନ ପଚାରିଥିଲେ। ଏହି ଜେରାରେ ରାହୁଲଙ୍କ ଓକିଲଙ୍କ ପ୍ରଶ୍ନର ଉ□ରଦେଇ ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀର ବିରଳା ହାଉସ ଠାରେ ନାଥୁରାମ ଗୋଡ଼ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ। ସାତ୍ୟକୀ ସାବରକର ତାଙ୍କ ପରିବାର ର ସଦସ୍ୟ ମାନଙ୍କର ଗାନ୍ଧୀ ହତ୍ୟା ମାମଲାରେ ଥିବା ଭୂମିକାକୁ ମଧ୍ୟ ସ୍ୱୀକାର କରିଥିଲେ। ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ତାଙ୍କ ଜେଜେବାପା ବିନାୟକ ଦାମୋଦର ସାବରକରଙ୍କୁ ଗାନ୍ଧୀହତ୍ୟା ମାମଲାର ଅଭିଯୁକ୍ତ କରାଯାଇଥିଲା। ସତ୍ୟକୀ ଏକଥା ମଧ୍ୟ ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ନାଥୁରାମ ଗୋଡ଼ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର (ଆରଏସ୍ଏସ୍) ସକ୍ରୀୟ ସଦସ୍ୟ ଥିଲେ।

ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରଠାରୁ ନାଥୁରାମ ଗୋଡ଼ସେଙ୍କ ବୈଚାରିକ ପୃଷ୍ଠଭୂମିକୁ ନେଇ ଦୀର୍ଘବର୍ଷ ହେଲା ବିମର୍ଷ ଚାଲିଥିବା ବେଳେ ସାତ୍ୟକୀ ସାବରକରଙ୍କ ଏହି ସ୍ୱୀକାରୋକ୍ତି ଅତ୍ୟନ୍ତ ଗୁରୁତ୍ୱ ପୁର୍ଣ୍ଣ। ଗାନ୍ଧୀଙ୍କ ହତ୍ୟା ପରଠାରୁ ଗୋଡ଼ସେଙ୍କ ସଂଘ ସହ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିଲା। ଅଦାଲତରେ ଜେରା ବେଳେ ଏହି ବିଶୟ ସାମନାକୁ ଆସିବା ପରେ ମାମଲା ଅଧିକ ସମ୍ବେଦନଶୀଳ ପାଲଟି ଯାଇଛି। ସଂଘର ଦ୍ୱିତୀୟ ସରସଂଘ ଚାଳକ ଗୋଲବଲକର ଏବଂ ଦିଗମ୍ବର ବଡ଼ଗେ ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ଥିଲେ କି ନାହିଁ ସେ ବାବଦରେ ସାତ୍ୟକୀ ଜାଣିନାହାଁନ୍ତି ବୋଲି କହିଥିଲେ। ଜେରା ବେଳେ ସାତ୍ୟକୀ କହିଥିଲେ ଯେ ନାଥୁରାମଙ୍କ ଗୁଳିମାଡ଼ ପରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଗାନ୍ଧୀ ଘଟଣା ସ୍ଥଳରେ ପଡି ରହିଥିଲେ। ଏପରିକି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା। ଏହା ତତ୍କାଳୀନ ସରକାରଙ୍କର ଗାନ୍ଧୀଙ୍କ ପ୍ରତି ଉଦାସୀନତା ବୋଲି କହିଥିଲେ ସାତ୍ୟକୀ। ସାତ୍ୟକୀଙ୍କ ଏହି ବୟାନ ସମ୍ବେଦନଶୀଳ ଏବଂ ଏହାର ପ୍ରାସଙ୍ଗିକତା ଉପରେ ମଧ୍ୟ ବିଚାର କରାଯାଇପାରେ। ଗାନ୍ଧୀଙ୍କ ହତ୍ୟାର ତୁରନ୍ତ ବାଦ୍ ତାଙ୍କୁ କେତେ ଶୀଘ୍ର ଚିକିତ୍ସା କରାଯାଇଥିଲା; ଘଟଣାସ୍ଥଳରେ ଉପସ୍ଥିତ ଲୋକେ କ'ଣ ପ୍ରତିକ୍ରିୟା ଦେଇଥିଲେ ସେ ସବୁ ତଥ୍ୟ ଇତିହାସର ଘଟଣାକ୍ରମରେ ଲିପିବଦ୍ଧ ରହିଛି। କିନ୍ତୁ ଅଦାଲତରେ ଦିଆଯାଇଥିବା ବୟାନକୁ ଅନ୍ତିମ ନ୍ୟାୟିକ ନିଷ୍କର୍ଷ ବୋଲି ସେ ପର୍ଯ୍ୟନ୍ତ ଗ୍ରହଣ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଦାଲତ ନିଜର ରାୟ ଶୁଣାଇ ନାହାଁନ୍ତି।

ଜେରାବେଳେ ବିନାୟକ ଦାମୋଦର ସାବରକରଙ୍କ ରାଜନୈତିକ ଜୀବନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ପଚାରା ଯାଇଥିଲା। ଉ□ରରେ ସତ୍ୟକୀ କହିଥିଲେ ଯେ ୧୯୨୪ରେ ବ୍ରିଟିଶ ସରକାରଙ୍କୁ କ୍ଷମା ଯାଚନା କରି ଜେଲରୁ ମୁକୁଳିବା ପରେ ବିନାୟକ ଦାମୋଦର ସାବରକର ରାଜନୀତିରେ ସକ୍ରିୟ ହୋଇଥିଲେ ଏବଂ ୧୯୩୭ରୁ ୧୯୪୩ରେ ସେ ହିନ୍ଦୁ ମହାସଭାର ଅଧକ୍ଷ ଥିଲେ। ବିନାୟକ ଦାମୋଦର ସାବରକର ଭାରତୀୟ ରାଜନୈତିକ ଇତିହାସର ସବୁଠାରୁ ବିବାଦୀୟ ଏବଂ ପ୍ରଭାବଶାଳୀ ରାଜନୈତିକ ବିଚାରକ ମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ସମର୍ଥକ ମାନେ ତାଙ୍କୁ ରାଷ୍ଟ୍ରବାଦୀ ବୋଲି ମାନୁଥିବା ବେଳେ ଆଲୋଚକମାନେ ତାଙ୍କ ବିଚାର ଓ ରାଜନୀତିର ଭିନ୍ନବ୍ୟାଖ୍ୟା କରିଥାନ୍ତି।

୨୦୨୩ରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ଏକ ବୟାନର ପୃଷ୍ଠଭୂମୀରେ ସାତ୍ୟକୀ ସାବରକର ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ଦାଏର କରିଥିଲେ। ସାତ୍ୟକୀଙ୍କ ଅଭିଯୋଗ ଥିଲା ଯେ ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସାବରକରଙ୍କ ଲେଖା ସହ ଯୋଡି ହୋଇଥିବା ଏଭଳି କିଛି ବକ୍ତବ୍ୟ ଦେଇଛନ୍ତି ଯାହା ବାସ୍ତବରେ ବିନାୟକଙ୍କ ପ୍ରକାଶିତ ରଚନାର କୌଣସି ଅଂଶ ନୁହେଁ ବା ରାହୁଲଙ୍କ ବକ୍ତବ୍ୟ ନିରାଧାର ଅଟେ। ସାତ୍ୟକୀ ଅଭିଯୋଗ କରିଥିଲେ ଯେ ରାହୁଲଙ୍କ ବୟାନ ବିନାୟକ ଦାମୋଦର ସାବରକରଙ୍କ ପ୍ରତିଷ୍ଠା ପ୍ରତି ଆ□ ଆଣିଛି। ଏପରିକି ରାହୁଲ ଐତିହାସିକ ତଥ୍ୟକୁ ଭୁଲଭାବେ ବ୍ୟାଖ୍ୟା କରିଛନ୍ତି। ସାତ୍ୟକୀଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ହୋଇଥିଲା। ସାତ୍ୟକୀ ଭାରତୀୟ ଦଣ୍ଡ ସଂହିତାର ଧାରା ୫୦୦ ଅନୁସାରେ ରାହୁଲଙ୍କୁ ଦୋଷି ସାବ୍ୟସ୍ତ କରାଯାଉ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୩୫୭ ଅନୁସାରେ ରାହୁଲ କ୍ଷତିପୁରଣ ପ୍ରଦାନ କରନ୍ତୁ ବୋଲି ମାମଲାରେ ଅଦାଲତଙ୍କୁ ନିବେଦନ କରିଥିଲେ।

ମାମଲାର ଶୁଣାଣୀ ଆରମ୍ଭ ହୋଇଛି ଓ ରାହୁଲଙ୍କ ଓକିଲ ସାତ୍ୟକୀଙ୍କୁ ଜେରା କରିଛନ୍ତି ଆହୁରି ମାମଲାର ଶୁଣାଣୀ ହେବ। ଉଭୟ ପକ୍ଷର ଓକିଲ ଉଭୟ ପକ୍ଷଙ୍କୁ ଜେରା କରିବେ। କିନ୍ତୁ ପ୍ରସଙ୍ଗ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା ଭାରତ ଇତିହାସର ସବୁଠାରୁ ଦୁର୍ଭାଗ୍ୟପୁର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣା ଅଟେ। ଅଦାଲତରେ ଜେରା ବେଳେ ଆହୁରି ଅନେକ କଥା ସ୍ପଷ୍ଟ ହୋଇଯିବ। କିନ୍ତୁ ଏକଥା ମଧ୍ୟ ଜରୁରୀ ଯେ ଐତିହାସିକ ଦାବି ଏବଂ ରାଜନୈତିକ ଅଭିଯୋଗକୁ ନ୍ୟାୟିକ ନିଷ୍କର୍ଷଠାରୁ ଅଲଗା ରଖାଯିବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ସିନେମାରେ ରାକ୍ଷୀ ଗୀତ

ଅନୁପମା ଭୂୟାଁ ■

ରାକ୍ଷୀ' ଏକ ଅବିସ୍ମରଣୀୟ, ଆବେଗର ସମ୍ପର୍କ ଓ ଜୀବନର ସଂଗୀତ। ରାକ୍ଷୀକୁ ନେଇ ଅନେକ ସିନେମା ହିନ୍ଦୀ ଚଳଚ୍ଚିତ୍ରରେ ରୂପାୟିତ ହୋଇଛି। ହିନ୍ଦୀ ଚଳଚ୍ଚିତ୍ର 'ହରେ କ୍ରିଷ୍ଣ ହରେ ରାମ'ରେ ପ୍ରେମୀଯୋଡ଼ି ପ୍ରଶାନ୍ତ ଓ ଜସ୍‌ବୀର ସାଜିଥିଲେ ଦେବାନନ୍ଦ ଓ ଜିନତ୍ ଅମନ୍। ହେଲେ ଚଳଚ୍ଚିତ୍ରରେ ଥିବା ଏଇ ଗୀତଦୃଶ୍ୟରେ ଭାଇ ଭଉଣୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଶିଶୁ କଳାକାର ସତ୍ୟଜିତ୍ ଓ ବେବି ଗୁଡ୍ଡି। ଅବୁଝା କୁନି ଭଉଣୀ ଜସ୍‌ବୀର ଆଖିରୁ ଲୁହ ଝରୁଥିଲା ଲୁହ ଆଉ ଭାଇ ପ୍ରଶାନ୍ତ ତାକୁ କହୁଥିଲା – 'ଫୁଲୋଁ କା ତାରୋଁ କା ସବ୍‌କା କେହନା ହେ, ଏକ୍ ହାଜାରୋଁ ମେ ମେରି ବେହନା ହେ, ସାରି ଉମର୍ ହମେ ସଙ୍ଗ ରେହନା ହେ।' ଏ ଗୀତଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

ତାପରେ ତିଆରି ହୋଇଥିଲା ସିନେମାଟି ହେଉଛି 'ସଚ୍ଚା ଝୁଠା'। ମେରି ପ୍ୟାରି ବେହନିୟାଁ ବନେଗୀ ଦୁଲହନିୟାଁ, ଜବ୍‌କେ ଆୟା ଦୁଲ୍‌ହେ ରାଜା, ଭାୟା ରାଜା ବଜାଏଗା ବାଜା'। ରାଜେଶ ଖାନ୍ନାଙ୍କୁ ଭାଇ ରଣଜିତ୍ ଏବଂ ମମ୍‌ତାଜଙ୍କୁ ଭଉଣୀ ରୀତା ଭୂମିକାରେ ଅଭିନୟ କରିବାର ଦେଖିବାକୁ ମିଳିଥିଲା ଏଇ ଗୀତଦୃଶ୍ୟରେ। ଭଉଣୀ ରୀତାର ବିବାହ ବାରାତ୍‌ରେ ବରଯାତ୍ରୀଙ୍କ ମେଳରେ ଦାରା ବାଦନ କରି ରାଜେଶ ଖାନ୍ନା ଚମତ୍କାର ନୃତ୍ୟାଭିନୟ କରିଥିଲେ। ବର ସାଜିଥିଲେ ଇନିସ୍ପେକ୍ଟର ପ୍ରଧାନ ଓରଫ ଅଭିନେତା ବିନୋଦ ଖାନ୍ନା।

ପରବର୍ତ୍ତୀ ସମୟରେ ମୁକ୍ତିଲାଭ କରିଥିବା ରାକ୍ଷୀର କିଛି ସମସାମୟିକ ଦିଗକୁ ନେଇ ଚଳଚ୍ଚିତ୍ର 'ବନ୍ଦିନୀ'। 'ଅବ୍ କେ ବରଷ ଭେଜ୍ ଭାୟା କୋ ବାବୁଲ'; ବନ୍ଦିନୀ ଚଳଚ୍ଚିତ୍ରରେ ଥିବା ଏଇ ଗୀତଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। କାରାଗୃହରେ ଥାଇ ଭଉଣୀ ନିଜ ଭାଇ କଥା ମନେ ପକାଉଥିଲା। ଭାଇ ଦେବେନ୍ଦ୍ର କଥା ବେଶ୍ ମନେ ପଡୁଥିଲା ଭଉଣୀ କଲ୍ୟାଣୀର। ଦେବେନ୍ଦ୍ର ଭୂମିକାରେ ଥିଲେ ଧର୍ମେନ୍ଦ୍ର ଓ ଭଉଣୀ ଭୂମିକାରେ ଦେଖିବାକୁ ମିଳିଥିଲା ନୂତନଙ୍କୁ।

ରାକ୍ଷୀ ସମ୍ପର୍କରେ ଆମେ ଆଲୋଚନା କଲାବେଳେ ସ୍ମୃତି ଭିତରକୁ ଆସୁଛି ରେକର୍ଡ଼ ବ୍ରେକ ଚଳଚ୍ଚିତ୍ର 'ଛୋଟି ବେହେନ' : ଭାଇ ରାଜେନ୍ଦ୍ର ଭୂମିକାରେ ବଲ୍‌ରାଜ ଶାହନୀ ଓ ଭଉଣୀ ମୀନା ଭୂମିକାରେ ଦେଖିବାକୁ ମିଳିଥିଲା ଅଭିନେତ୍ରୀ ନନ୍ଦାଙ୍କୁ। ଏଥିରେ ଗୀତଟି ଥିଲା 'ଭାୟା ମେରେ ରାଖୀ କେ ବନ୍ଧନ କୋ ନିଭାନା, ଭାୟା ମେରେ ଛୋଟି ବେହେନ କୋ ନା ଭୁଲାନା।' ଭଉଣୀ ପୂଜା ଥାଳିରେ ରାଖୀ ସହ ଚନ୍ଦନ, ଫୁଲ, ଫଳ, ମିଠା ସଜାଇ ରଖିଥିଲା। ଅତି ବ୍ୟଗ୍ର ହୋଇ ସେ ଦୌଡ଼ି ଯାଇ ଭାଇଙ୍କୁ ଆଡ଼ି ଆଣିଥିଲା। ପାରମ୍ପରିକ ରୀତିରେ ଭାଇଙ୍କୁ ପୂଜା କରି ରାଖୀ ପିନ୍ଧାଇଥିଲା। ରାକ୍ଷୀ ପାଇଁ ସର୍ବକଳୀନ ରେକର୍ଡ଼ କରିଥିବା ସିନେମାଟି ଥିଲା 'ଓ୍ୱତନ୍ କୀ ରଖ୍‌ଓ୍ୱାଲେ' : 'ମାତା ଭି ତୁ ପିତା ଭି ତୁ ବେହନା କା ଅଭିମାନ ଭି ତୁ, ତେରେ ଶିବା ମେରେ କୌନ ହେ ଭାୟା, ମେରା ତୋ ଭଗବାନ ହି ତୁ' ବେଶ୍ ହୃଦୟସ୍ପର୍ଶୀ ଥିଲା ଭାଇ ଓ ଭଉଣୀ ଭିତରେ ଥିବା ଏ ଅନ୍ତରଙ୍ଗ ଭଲ ପାଇବାର ଦୃଶ୍ୟ। ପିଲବେଳୁ ମାତାପିତା ନଥିଲେ। ଭଉଣୀ ଲକ୍ଷ୍ମୀକୁ ଲାଳନପାଳନ କରି ଛୋଟରୁ ବଡ଼ କରିଥିଲା ମହାବୀର।



ସେଇ କଥା ଲକ୍ଷ୍ମୀ ତା'ଭାଇକୁ ରକ୍ଷା ବନ୍ଧନ ବେଳେ କହୁଛି। ମହାବୀର ଭୂମିକାରେ ଧର୍ମେନ୍ଦ୍ର ଏବଂ ଭଉଣୀ ଲକ୍ଷ୍ମୀ ଭୂମିକାରେ ଦେଖିବାକୁ ମିଳିଥିଲା ଅଭିନେତ୍ରୀ ମୌସୁମୀ ଚାଟାର୍ଜୀଙ୍କୁ। ଚଳଚ୍ଚିତ୍ରର ନାଁ ଥିଲା 'ଓ୍ୱତନ୍ କୀ ରଖ୍‌ଓ୍ୱାଲେ'।

ଆଜି ଯଦି ରାକ୍ଷୀକୁ ନେଇ ସିନେମାର ସଂଗୀତ ଭିତରକୁ ଆଲୋଚନା କରିବା ସେଗୁଡ଼ିକ ହେଉଛି ସିନେମା 'ରେଶମ୍ କୀ ଡୋରି'ର ବେହେନା ନେ ଭାଇ କି କଲାଇସେ.., 'ଛୋଟୀ ବେନ୍'ର ଭୈୟା ମେରେ ରାକ୍ଷୀ କେ ବନ୍ଧନ୍...., 'ବେଇମାନ୍'ର ଯେ ରାକ୍ଷୀ ବନ୍ଧନ ହେ ଐସା..., 'ଅନ୍‌ପଢ଼'ର ରଙ୍ଗ ବିରଙ୍ଗ ରାକ୍ଷୀ..., 'କାଜଲ୍'ର ମେରେ ଭୈୟା ମେରେ ବନ୍ଦା...., 'ଚମ୍ବଲ କି କସମ୍'ର ବନ୍ଦାରେ ମେରେ ଭୈୟା ସେ କେହେନ... ପ୍ରମୁଖ।

ରୂପେଲି ପରଦାରେ ବି ସୁନ୍ଦର ଚିତ୍ରଣ ରହିଛି ଏହି ଉତ୍ସବର। ବିଶେଷକରି ସର୍ବଭାରତୀୟ ଆବେଦନ ଥିବା ହିନ୍ଦୀ ଫିଲ୍ମରେ ଏହାର ସୁନ୍ଦର ଚିତ୍ରଣ ରହିଛି। ସେ 'ରେଶମ୍ କୀ ଡୋରି' ର ବେହେନାନେ ଭାଇ କି କଲାଇ ସେ ପ୍ୟାର ବାନ୍ଧା ହେ ଗୀତ ହୋଇପାରେ, ହୋଇପାରେ 'କାଜଲ' ଫିଲ୍ମର ମେରେ ଭୈୟା ମେରେ ଚନ୍ଦା, 'ବେଇମାନ' ଫିଲ୍ମର ଯେ ରାଖୀ ବନ୍ଧନ ହେ ଐସା, 'ଛୋଟି ବହନ'ର ଭୈୟା ମେରେ ରାଖୀ କେ ବନ୍ଧନ କିମ୍ବା ରାଖୀ ଔର ହାତକଡ଼ି, ଅନପଢ଼ ଓ ରାଖୀ। କାଳେ କାଳେ ଏହି ଫିଲ୍ମର ଆଦର ରହିଛି, ହୃଦୟ ଛୁଇଁଛି ତାର ରାଖୀଗୀତ।

ରାକ୍ଷୀକୁ ନେଇ ଓଡ଼ିଆ ସିନେମାର କ୍ଷେତ୍ରବି କିଛି କମ୍ ନାହିଁ। ଭାଇ-ଭଉଣୀଙ୍କୁ ନେଇ ଅନେକ ଓଡ଼ିଆ ସିନେମାର ଚରିତ୍ର ଭିତରେ ରହିଛନ୍ତି ଭାଇ ଓ ଭଉଣୀ। ଆଜି ବି ରାଖୀକୁ ନେଇ ପ୍ରସ୍ତୁତ ହେଉଛି ଫିଲ୍ମ ଗୀତ। ଏଥିପ୍ରତି ଆକର୍ଷଣ ମଧ୍ୟ ରହୁଛି। ଆଞ୍ଚଳିକ ଫିଲ୍ମ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ୧୯୮୯ରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ଦ୍ୱାରା ନିର୍ମିତ ସୁପରହିଟ୍ ଓଡ଼ିଆ ଫିଲ୍ମ 'ଚକାଆଖି ସବୁ ଦେଖୁଛି' ରେ ରାଖୀର ଏକ ସୁନ୍ଦର ଉପସ୍ଥାପନା ଥିଲା। ଗୀତଟି ଥିଲା ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ। ଏହି ଫିଲ୍ମର ରାଖୀ ଦୃଶ୍ୟରେ ତତ୍କାଳୀନ ବ୍ୟସ୍ତ ନାୟକ ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି ଓ ଗୋପା ବିଶ୍ୱାସ ସୁନ୍ଦର ଅଭିନୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଦେଖାଗଲା ଭାଇ ହାତରେ ରାଖୀ ବାନ୍ଧିବାକୁ ଯାଇ ଭଉଣୀ ଦେଖିଲା ଭାଇର ହାତଟି ନାହିଁ। ଏ ଦୃଶ୍ୟ ମଧ୍ୟ ଖୁବ୍ ପ୍ରଭାବ ପକାଇଥିଲା ଦର୍ଶକଙ୍କ ଉପରେ। ରାଖୀ କନ୍ଦାଇ ଦେଲା ବୋଲି ସେତେବେଳେ ମତାମତ ଶୁଭିଥିଲା। ଏହା ବ୍ୟତୀତ 'ରାଖୀ ଭିଜିଗଲା ଆଖି ଲୁହରେ', 'କାଳଚକ୍ର', 'ବିଧାତା', 'ରାଖୀ ବାନ୍ଧିଲି ମୋ ରଖିବ ମାନ' ଓ 'ଶୁଭ ବିବାହ' ଫିଲ୍ମରେ ରାଖୀର ସୁନ୍ଦର ଦୃଶ୍ୟ ସଂଯୋଜିତ ହୋଇଥିଲା। ଭାଇ ଭଉଣୀଙ୍କ ସ୍ନେହବୋଳା ସଂପର୍କର ବିଷୟବସ୍ତୁ ଥିଲା 'ରାଖୀ ଭିଜିଗଲା ଆଖି ଲୁହରେ' ଫିଲ୍ମରେ। 'ରାଖୀ ବାନ୍ଧିଲି ମୋ ରଖିବ ମାନ'ରେ ବି ଥିଲା ଭାଇ ଭଉଣୀଙ୍କର ଅନାବିଳ ସ୍ନେହ, ପ୍ରେମର ଦୃଶ୍ୟ। ଏମିତି ଭଉଣୀକୁ ରକ୍ଷା କରୁଛି ଭାଇର ରାଖୀ ବନ୍ଧା କଟାହାତ। 'ବିଧାତା'ରେ ଚାକିରି ସନ୍ଧାନୀ ଭାଇକୁ ଭଉଣୀ ମିଠା ଖୁଆଇ ଶୁଭ ମନାସୁଛି, ବାନ୍ଧିଦେଉଛି ରାଖୀ। ଆଉ କାଳଚକ୍ରରେ ଭଉଣୀ ଭାଇମାନଙ୍କ ସହିତ ମନଖୋଲା ନୃତ୍ୟ ଗୀତ ପରିବେଷଣ କରୁଛି। ସେହିଭଳି 'ଶୁଭ ବିବାହ'ର ରାଖୀ ଦୃଶ୍ୟ ମଧ୍ୟ ସ୍ମରଣୀୟ। ଭାଇର ଅନୁପସ୍ଥିତିରେ ରାଖୀ ରଖାଯାଇଛି ତାଙ୍କ ଫଟୋ ପାଖରେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭଉଣୀ ନାୟକ ହାତରେ ବାନ୍ଧିଛି ରାଖୀ।

କହିହେବ ଫିଲ୍ମରେ ରାଖୀ ଦୃଶ୍ୟ ଦର୍ଶକଙ୍କୁ ପ୍ରଭାବିତ କରିଥିଲା, କରୁଛି। ତାପରେ ଏହାଦ୍ୱାରା ଏକ ସଂସ୍କୃତିର ସୁରକ୍ଷା ହୋଇପାରୁଛି। ତେଣୁ ଆଜି ବି ତାର ଦୃଶ୍ୟାୟନ ହେବା ଉଚିତ। କାହାଣୀ ବିନ୍ୟାସ ବେଳେ ଆପଣା ସଂସ୍କୃତି ପରମ୍ପରାର ମହକ ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଖୀ ଏକ ମହାଭାରତୀୟ ସ୍ରୋତ। ତେଣୁ ସୀମା ସରହଦ ଡେଇଁ ଏହା ବ୍ୟାପିଛି ଅଞ୍ଚଳରୁ ଅଞ୍ଚଳକୁ। ପୁନଶ୍ଚ ଆଞ୍ଚଳିକ ଫିଲ୍ମରେ ପାରିବାରିକ କଥାବସ୍ତୁ ସହ ଦେଖିବାକୁ ମିଳେ ଆପଣା କଳା ସଂସ୍କୃତି, ପର୍ବପର୍ବାଣୀ ଓ ଯାତ୍ରାର ଉପସ୍ଥାପନା। ଯାହା ଗୋଟିଏ ଅଞ୍ଚଳରେ ସାଂସ୍କୃତିକ ଚିତ୍ର ପ୍ରଦାନ କରିବା ସହତ ଉତ୍ତର ପିଢ଼ି ଓ ବିଭିନ୍ନ ଭାଷାଭାଷୀ ଦର୍ଶକଙ୍କୁ ଏହା ସହିତ ପରିଚିତ କରାଇଥାଏ।

'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ

# ବାସ୍ତୁରେ ହାଣ୍ଡିଶାଳ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

□ ଧ୍ୟାନ ଦେବେ ରୋଷେଇଶାଳର କୌଣସି କାନ୍ଥ ବା ଚଟାଣ ଘରର ଅନ୍ୟ ପୂର୍ବ ଓ ଦକ୍ଷିଣ ପଟ କାନ୍ଥକୁ ସ୍ପର୍ଶ କରୁ ନଥିବ ।

□ ସବୁବେଳେ ପୂର୍ବାମୁହଁ ହୋଇ ରୋଷେଇ କରନ୍ତୁ ।

□ ରୋଷେଇ ଘରର ଷ୍ଟୋଭ୍ ବା ଗ୍ୟାସ ଯେପରି ରୋଷେଇ ଘରୁ ବାହାରକୁ ଦେଖାଯାଉନଥିବ । ବାହାରକୁ ଦେଖାଦେଲେ ହଜମ ପ୍ରକ୍ରିୟାରେ ଅସୁବିଧା ହୋଇଥାଏ ।

□ ମନେରଖନ୍ତୁ ରୋଷେଇ ପାଖକୁ ପାଣି ଟ୍ୟାପ୍ ରଖିବେ ନାହିଁ କାରଣ ପାଣି ଆଉ ନିଆଁ ଦୁହେଁ ଦୁହିଁଙ୍କର ବିପରୀତ । ପାଣି ଟ୍ୟାପ୍ ଓ ପିଇବା ପାଣିକୁ ଉତ୍ତର-ପୂର୍ବ ଦିଗରେ ରଖନ୍ତୁ ।

□ ବାସନମଜା ସାବୁନ୍ ବା ଲିକୁଇଡ଼କୁ ଉତ୍ତର-ପଶ୍ଚିମ ଦିଗରେ ରଖନ୍ତୁ ।

□ ଯଦି ଆପଣ ଇଲେକ୍‌ଟ୍ରିକ୍ ସାମଗ୍ରୀ ରୋଷେଇ ଘରେ ରଖିବାକୁ ଚାହୁଁଛନ୍ତି, ତାହେଲେ ଠିକ୍ ଜାଗାରେ ରଖିବେ । ବାସ୍ତୁ ଅନୁସାରେ ଫ୍ରିଜ୍ ଓ ମାଇକ୍ରୋଓ୍ୱେବ୍‌କୁ ଦକ୍ଷିଣ ପୂର୍ବ ଦିଗରେ ରଖନ୍ତୁ । ବାଷ୍ପ ବାହାର କରୁଥିବା ଫ୍ୟାନ୍‌କୁ ରୋଷେଇ ଘରର ପୂର୍ବ ପଟକାନ୍ଥରେ ଦକ୍ଷିଣପୂର୍ବ କୋଣରେ ଲଗାନ୍ତୁ ।

□ ରୋଷେଇ ଘରେ ବଡ଼ ଝରକା ରଖିବାକୁ ଚାହୁଁଥିଲେ ତାକୁ ପୂର୍ବ ଦିଗରେ ରଖନ୍ତୁ ଓ ଛୋଟ ଝରକାକୁ ଉତ୍ତର ଦିଗରେ ରଖିପାରନ୍ତି ।

□ ରୋଷେଇ ଘରକୁ ଲାଗି ପାଇଖାନା ତିଆରି କରନ୍ତୁ ନାହିଁ । ମନେରଖନ୍ତୁ ରୋଷେଇଘରର ଦ୍ୱାର ପାଇଖାନା ଆଡ଼କୁ ଯେପରି ମୁହଁ ହୋଇ ନରହେ ।

□ ଖାଦ୍ୟ ରୋଷେଇ ଘରେ ଖାଉଥିଲେ କୌଣସି କୋଣରେ ବସି ଖାଆନ୍ତୁ ନାହିଁ କିନ୍ତୁ କୌଣସି ଲୋକକୁ ଖାଇବାକୁ ଦିଅନ୍ତୁ ନାହିଁ ।

□ ରୋଷେଇଘରେ କାନ୍ଥଘଣ୍ଟା ରଖିବାକୁ ଚାହୁଁଥିଲେ ତାକୁ ଉତ୍ତର-ପଶ୍ଚିମ ପଟ କାନ୍ଥରେ ଟାଙ୍ଗନ୍ତୁ ।

□ ବାସନକୁସନ ଷ୍ଟାଣ୍ଡ ଓ ଖାଦ୍ୟ ପଦାର୍ଥ ଜିନିଷ ରଖୁଥିବା ଆଲମିରାକୁ ଦକ୍ଷିଣ ବା ପଶ୍ଚିମ କାନ୍ଥରେ ରଖନ୍ତୁ ।

□ ରୋଷେଇଘରର ପ୍ରବେଶ ଦ୍ୱାର ପୂର୍ବ, ଉତ୍ତର ଓ ପଶ୍ଚିମ ଦିଗ ଆଡ଼କୁ ରଖନ୍ତୁ । ମନେରଖନ୍ତୁ ରୋଷେଇଘର ଓ ପୂଜା ଘର ହେଉଛି ଆମର ମୁଖ୍ୟଘର । ବାସ୍ତୁଶାସ୍ତ୍ର ଅନୁଯାୟୀ ରୋଷେଇ ଘର ଠିକ୍ ଜାଗାରେ ନଥିଲେ ଆପଣ ଖାଉଥିବା ଖାଦ୍ୟ ଦେହ ଉପରେ ଢ଼େର କୁପ୍ରଭାବ ପକେଇଥାଏ । ମତ୍ସ୍ୟ ପୁରାଣ ଅନୁସାରେ ବାୟୁମଣ୍ଡଳ ଭିନ୍ନ ଭିନ୍ନ ଦେବତାଙ୍କୁ ନେଇ ଗଠିତ ଯାହାକୁ ବାସ୍ତୁପୁରୁଷ କୁହାଯାଏ । ଘରର ଦକ୍ଷିଣ ପୂର୍ବ ଦିଗକୁ ଆଗ୍ନେୟ କୋଣ କୁହାଯାଏ । ସେଠାରେ ଚନ୍ଦ୍ର ଓ ପାର୍ବତୀ ଦେବୀ ରୁହନ୍ତି । ଆଗ୍ନେୟ କୋଣରେ ରୋଷେଇଶାଳ ତିଆରି ହେବା ବାସ୍ତୁମତ ନଚେତ୍ ଘରର ଉତ୍ତର-ପଶ୍ଚିମ ଦିଗରେ ତିଆରି କରନ୍ତୁ । ଉତ୍ତର-ପୂର୍ବ, ଦକ୍ଷିଣ-ପଶ୍ଚିମ, ଉତ୍ତର ଦିଗରେ ମଝି ଭାଗରେ ପଶ୍ଚିମ ମଝିରେ ଭାଗରେ, ପଶ୍ଚିମ ଦିଗରେ ମଝି ଭାଗରେ ଓ ଦକ୍ଷିଣ ଦିଗରେ ମଝି ଭାଗରେ ରୋଷେଇଘର ଆଦୌ ତିଆରି କରନ୍ତୁ ନାହିଁ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩



## ଆମେରିକାରେ ଭାରତୀୟ ମହିଳାଙ୍କୁ ହତ୍ୟା; ଆଗ୍ରାରୁ ଧରାପଡିଲା ଅଭିଯୁକ୍ତ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ଆମେରିକାରେ ଭାରତୀୟ ମହିଳା ନିକିତା ଗୋଡିଶାଲାଙ୍କୁ ହତ୍ୟାର ୮ ମାସ ପରେ ଆଗ୍ରାରୁ ଧରାପଡିଛି ଅଭିଯୁକ୍ତ ଅର୍ଜୁନ ଶର୍ମା (୨୬)। ଆମେରିକାରେ ତାଙ୍କ ପୂର୍ବତନ ରୁମ୍‌ମେଟଙ୍କୁ ନୂଆବର୍ଷ ପୂର୍ବ ସନ୍ଧ୍ୟାରେ ଛୁରିରେ ଆକ୍ରମଣ କରି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ନିକିତାଙ୍କୁ ହତ୍ୟା କରିବା ପରେ ଅର୍ଜୁନ ଭାରତକୁ ଚାଲି ଆସିଥିଲା ବୋଲି ପୁଲିସ ଅନୁମାନ କରୁଛି । ଅର୍ଜୁନଙ୍କୁ ପୁଲିସ ହେପାଜତକୁ ନେଇଛି । ମୃତ ନିକିତାଙ୍କ ବାପା ଆନନ୍ଦ ଗୋଡିଶାଲାଙ୍କ ଅଭିଯୋଗ ଆଧାରରେ ପଞ୍ଜୀକୃତ ଏକ ଠକେଇ ମାମଲାର ତଦନ୍ତ ସମୟରେ ହାଇଦ୍ରାବାଦ ପୁଲିସର ଏକ ଦଳ ଅଭିଯୁକ୍ତ ଅର୍ଜୁନଙ୍କୁ ଆଗ୍ରାର ଏକ ଫ୍ଲାଟରେ ଖୋଜାଖୋଜି କରିଥିଲା ।ଆମେରିକାର ଏଲିକଟ୍ ସିଟିର ବାସିନ୍ଦା ନିକିତା ଜାନୁଆରି ୨ ତାରିଖରେ ନିଖୋଜ ହୋଇଥିବା ରିପୋର୍ଟ କରାଯାଇଥିଲା । ହାଵାର୍ଡ କାଉଣ୍ଟି ପୁଲିସ ନିକିତାଙ୍କୁ ତାଙ୍କ ପୂର୍ବତନ ରୁମମେଟ୍ ଅର୍ଜୁନ ଶର୍ମାଙ୍କ କଲମ୍ବିଆ, ମେରିଲ୍ୟାଣ୍ଡ ଆପାର୍ଟମେଣ୍ଟରେ ମୃତ ଅବସ୍ଥାରେ ଉଦ୍ଧାର କରିଥିଲା । ଏହି ଘଟଣା ପରେ ଅର୍ଜୁନ ଭାରତ ଚାଲି ଆସିଥିଲା । ଏବେ ଭାରତରେ ପୁଲିସ ହେପାଜତରେ ଥିବା ଅର୍ଜୁନ ଆମେରିକାକୁ ପ୍ରତ୍ୟର୍ପଣ କରାଯିବ ବୋଲି ଆଶା କରାଯାଉଛି । ପୁଲିସ ଅର୍ଜୁନଙ୍କୁ ନିକିତାଙ୍କ ପୂର୍ବତନ ପ୍ରେମିକ ଭାବରେ ବର୍ଣ୍ଣନା କରିଥିଲା, କିନ୍ତୁ ତାଙ୍କ ବାପା ଗଣମାଧ୍ୟମକୁ କହିଥିଲେ ଯେ, ସେମାନେ ଦୁଇଜଣ ରୁମମେଟ୍ ଥିଲେ ଓ ସେ ବିଶ୍ୱାସ କରନ୍ତି ଯେ, ନିକିତାଙ୍କ ହତ୍ୟା ଆର୍ଥିକ ଉଦ୍ଦେଶ୍ୟ ପ୍ରଣୋଦିତ ।ପ୍ରଥମ ଏବଂ ଦ୍ୱିତୀୟ ଡିଗ୍ରୀ ହତ୍ୟା ଅଭିଯୋଗରେ ଶର୍ମାଙ୍କୁ ଆମେରିକା ପୁଲିସ ଗିରଫ କରିପାରେ । ଜାନୁଆରି ୪ ତାରିଖରେ ଭାରତର କର୍ତ୍ତୃପକ୍ଷ ଗୋଡିଶାଲା ପରିବାରକୁ ଆନୁଷ୍ଠାନିକ ଭାବରେ ଜଣାଇଥିଲେ ଯେ, ନିକିତାଙ୍କୁ ୨୦୨୫ ଡିସେମ୍ବର ୩୧ ତାରିଖରେ ଛୁରିଭୁସି ହତ୍ୟା କରାଯାଇଥିବା ବିଶ୍ୱାସ କରାଯାଉଛି ।

## ଶିକ୍ଷକଙ୍କୁ ନିଲମ୍ବନ କରି କର୍ଣ୍ଣାଟକ ସରକାର ପ୍ରତିଶୋଧ ପରାୟଣତା ପ୍ରଦର୍ଶନ କରିଛନ୍ତି: ପ୍ରହଲ୍ଲାଦ ଯୋଶୀ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଶୁକ୍ରବାର କହିଛନ୍ତି, ଆର୍‌ଏସ୍‌ଏସ୍‌ର ରୁଟ୍ ମାର୍ଚ୍ଚରେ ଅଂଶଗ୍ରହଣ କରିବା ପାଇଁ ଦୁଇ ଜଣ ସରକାରୀ ସ୍କୁଲ ଶିକ୍ଷକଙ୍କୁ ନିଲମ୍ବନ କରି କର୍ଣ୍ଣାଟକ ସରକାର ପ୍ରତିଶୋଧ ପରାୟଣତା ପ୍ରଦର୍ଶନ କରିଛନ୍ତି ।



ଯୋଶୀ ନିଲମ୍ବିତ ଶିକ୍ଷକଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । କେନ୍ଦ୍ରମନ୍ତ୍ରୀ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସରକାରଙ୍କ ପ୍ରାଥମିକତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଯୋଶୀ କହିଛନ୍ତି ଯେ, କର୍ଣ୍ଣାଟକ ଲୋକସେବା ଆୟୋଗରେ ହୋଇଥିବା ବଡ଼ଧରଣର ଅନିୟମିତତା ମାମଲାରେ ଗିରଫ ହୋଇଥିବା ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗଙ୍ଗୱାରଙ୍କୁ ଖୋଜିବା ଉପରେ ରାଜ୍ୟ ସରକାର ଧ୍ୟାନ ଦେବା ଉଚିତ ।ଯୋଶୀ କହିଛନ୍ତି ଯେ, ଦୁଇ ଶିକ୍ଷକଙ୍କ ନିଲମ୍ବନ କୋର୍ଟରେ ତିଷ୍ଠିପାରିବ ନାହିଁ ଓ ସରକାର 'ପ୍ରତିଶୋଧପରାୟଣ' ହୋଇ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛନ୍ତି । ବିଜେପି ବିଧାୟକ ମହେଶ ତେଙ୍ଗିନକାଇ ମଧ୍ୟ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରି ଏହାକୁ ଅତ୍ୟନ୍ତ ଆପତ୍ତିଜନକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ହୁବାଲିଠାରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାରେ ଯୋଶୀ କର୍ଣ୍ଣାଟକ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି । ଶିକ୍ଷା ବିଭାଗ ଯାଦଗି ଜିଲ୍ଲାର ଦୁଇ ଜଣ ଶିକ୍ଷକ ଗୁରୁରାଜ ଯୋଶୀ ଓ ଆନ୍ନା ସାହେବ ଦେଶମୁଖଙ୍କୁ ଆର୍‌ଏସ୍‌ଏସ୍ ରୁଟ୍ ମାର୍ଚ୍ଚରେ ଯୋଗଦେବାରୁ ନିଲମ୍ବିତ କରିଥିଲା ଯାହାର ବିଭାଗୀୟ ତଦନ୍ତ ପର୍ଯ୍ୟନ୍ତ ଥିଲା । ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କର୍ଣ୍ଣାଟକ ସିଭିଲ୍ ସର୍ଭିସେସ୍ (ଆଚରଣ) ନିୟମ, ୨୦୨୧ ର ବ୍ୟବସ୍ଥା ଉଲ୍ଲଂଘନ କରୁଛି ବୋଲି କୁହାଯାଇଥିଲା ।

## ନେପାଳ ବନ୍ୟା: ସୀମାପାର ବାଣିଜ୍ୟ ପ୍ରଭାବିତ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ନେପାଳରେ ବନ୍ୟା ଯୋଗୁଁ ଭାରତ ଓ ପଡ଼ୋଶୀ ନେପାଳ ମଧ୍ୟରେ ସୀମାପାର ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି । ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ଯୋଗୁଁ ଉତ୍ତର ପ୍ରଦେଶର ମହାରାଜଗଞ୍ଜ ଦେଇ କାଠମାଣ୍ଡୁ ଓ ନେପାଳର ଅନ୍ୟାନ୍ୟ ଅଂଶକୁ ମାଲବାହୀ ଗାଡି ଚଳାଚଳ ପ୍ରଭାବିତ ହୋଇଛି ।ନେପାଳରେ ପ୍ରବେଶ କରିବାକୁ ଟ୍ରକଗୁଡ଼ିକ ଅପେକ୍ଷା କରିଥିବାରୁ ମହାରାଜଗଞ୍ଜର ସୋନୌଲି ସୀମାର ଭାରତ ପାର୍ଶ୍ୱରେ ପ୍ରାୟ ୧୬ କିଲୋମିଟର ମାଲବାହୀ ଯାନର ଏକ ଲମ୍ବା ଧାଡ଼ି ଲାଗିଛି ।



କାଠମାଣ୍ଡୁ ବ୍ୟତୀତ ନେପାଳର ଅନ୍ୟ ଅଞ୍ଚଳକୁ ଯିବାକୁ ଥିବା ମାଲବାହୀ ଟ୍ରକ୍ ? ଟ୍ରାଫିକ ସମସ୍ୟା ଯୋଗୁ ପ୍ରଭାବିତ ହୋଇଛି । ସୋନୋଲିରୁ ବର୍ତ୍ତମାନ ନୌତାନା ପର୍ଯ୍ୟନ୍ତ ଧାଡି ବଢିବାରେ ଲାଗିଥିବାରୁ ଜାତୀୟ ରାଜପଥରେ ଟ୍ରାଫିକ ଚଳାଚଳ ନେଇ ଚିନ୍ତା ବୃଦ୍ଧି ପାଇଛି । ସର୍କଲ ଅଫିସର ବସନ୍ତ ସିଂହ କହିଛନ୍ତି, ସୋନେ ?ଲି ସୀମାରେ ସର୍ଭେଲାନ୍ସ ବୃଦ୍ଧି କରାଯାଇଛି ଓ ସୀମା ଅଞ୍ଚଳରେ ଥିବା ପୁଲିସ ଷ୍ଟେସନକୁ ଆଲର୍ଟ ରହିବାକୁ କୁହାଯାଇଛି । ନେପାଳରେ ସଡକ ସଂଯୋଗ ଯଦି ଶୀଘ୍ର ସ୍ଥାପନ ନହୁଏ ତେବେ ସ୍ଥିତି ଅଧିକ ଖରାପ ହେବ ବୋଲି ଅଧିକାରୀ କହିଛନ୍ତି ।

## ଷ୍ଟାଲିନଙ୍କୁ ହାଇକୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ତାମିଲନାଡୁର ଲୋକସମ୍ପର୍କ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ଆଧବ ଅର୍ଜୁନ ତାଙ୍କ ନାମରେ ମିଥ୍ୟା ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଡିଏମକେ ଅଧ୍ୟକ୍ଷ ଏମ. କେ. ଷ୍ଟାଲିନ୍‌ଙ୍କଠାରୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରି ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।ଶୁକ୍ରବାର ଦିନ ମାଡ୍ରାସ ହାଇକୋର୍ଟର ବିଚାରପତି କେ. ଗୋବିନ୍ଦରାଜନ୍ ତିଲକାବତୀ ଏହି ମାମଲାର ଶୁଣାଣି କରି ଏମ. କେ.



ଷ୍ଟାଲିନ ଏବଂ ଡିଏମକେର ଆଇଟି ୱିଙ୍ଗକୁ ନୋଟିସ ଜାରି କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୫ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି ।ଅର୍ଜୁନଙ୍କ ଅଭିଯୋଗ ଅନୁଯାୟୀ, ୮ ଜୁନ୍ ୨୦୨୬ ରେ DMK IT ୱିଙ୍ଗର X (ପୂର୍ବରୁ ଟ୍ୱିଟର) ହ୍ୟାଣ୍ଡେଲରୁ ତାଙ୍କ ବିରୋଧରେ ଏକ ମିଥ୍ୟା ଓ ଭିତ୍ତିହୀନ ସୂଚନା ପୋଷ୍ଟ କରାଯାଇଥିଲା, ଯାହା ତାଙ୍କର ପ୍ରତିଷ୍ଠା ଓ ସାମାଜିକ ସୁନାମକୁ କ୍ଷୁର୍ଣ୍ଣ କରିଛି । ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏହି ପୋଷ୍ଟଟି କୌଣସି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ନିଜସ୍ୱ ନିଷ୍ପତ୍ତି ନୁହେଁ, ବରଂ ଷ୍ଟାଲିନଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଓ ଯୋଜନା ଅନୁଯାୟୀ କରାଯାଇଛି । ତେଣୁ ଦଳର ସଭାପତି ଭାବରେ ସେ ଏଥିପାଇଁ ଦାୟୀ ।ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) କାର୍ଯ୍ୟାନୁଷ୍ଠାନରେ ଉଲ୍ଲେଖ ଥିବା ବ୍ୟକ୍ତି ତାଙ୍କର କୌଣସି ଆତ୍ମୀୟ ନୁହଁନ୍ତି ବୋଲି ଅର୍ଜୁନ ସ୍ପଷ୍ଟ କରିଛନ୍ତି । ବିନା ସତ୍ୟାସତ୍ୟ ଯାଞ୍ଚରେ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ବଦନାମ କରିବାକୁ ଏହି ସୂଚନା ପ୍ରସାରିତ କରାଯାଇଥିବା ସେ କୋର୍ଟରେ ଦର୍ଶାଇଛନ୍ତି । ଭବିଷ୍ୟତରେ ତାଙ୍କ ବିରୋଧରେ ଏପରି କୌଣସି ଭୁଲ ତଥ୍ୟ ପ୍ରକାଶ ନକରିବାକୁ ଅଦାଲତରେ ସେ ଆବେଦନ କରାଯାଇଛି ।

## ନେପାଳ ବନ୍ୟା ପରେ ସତର୍କ ଉତ୍ତରାଖଣ୍ଡ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ପଡ଼ୋଶୀ ନେପାଳରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟାରୁ ଶିକ୍ଷା ନେଇ ଉତ୍ତରାଖଣ୍ଡ ସରକାର ରାଜ୍ୟର ହିମବାହ ହ୍ରଦ, ନଦୀ ଓ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ନଜରଦାରି ବ୍ୟବସ୍ଥାକୁ ଆହୁରି କଡାକଡି କରିଛନ୍ତି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ପୁନର୍ବାସ ମନ୍ତ୍ରୀ ମଦନ କୌଶିକ ଶୁକ୍ରବାର କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ଉତ୍ତରାଖଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ ରାଜ୍ୟ । ତେଣୁ ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି କମାଇବା ପାଇଁ ସରକାର ପୂର୍ବ ପ୍ରସ୍ତୁତିକୁ ଅଧିକ ମଜଭୁତ କରୁଛନ୍ତି ।ମଦନ କୌଶିକ କହିଛନ୍ତି, ନେପାଳର ସାମ୍ପ୍ରତିକ ବିପର୍ଯ୍ୟୟରୁ ଶିକ୍ଷା ନେଇ ହିମବାହ ହ୍ରଦ, ନଦୀ ଏବଂ ବିପଦପ୍ରବଣ ଅଞ୍ଚଳଗୁଡ଼ିକର ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି । ବିପଦପ୍ରବଣ ହିମବାହ ହ୍ରଦଗୁଡ଼ିକର ବୈଜ୍ଞାନିକ ସର୍ବେକ୍ଷଣ ଓ ନିୟମିତ ମୂଲ୍ୟାୟନ କରାଯିବ । ସେହିପରି ଆଧୁନିକ ପ୍ରାକ୍ ସତର୍କ ସୂଚନା ବ୍ୟବସ୍ଥା ସ୍ଥାପନ କରାଯିବା ସହ ଆବଶ୍ୟକସ୍ଥଳେ ଅତିରିକ୍ତ ଯନ୍ତ୍ରପାତି ଓ ବୈଷୟିକ ସାଧନ ନିୟୋଜିତ କରାଯିବ । ଯେପରି ବିପଦ ସୂଚନା ଠିକ୍ ସମୟରେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚିପାରିବ,



ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ।ନେପାଳର ବନ୍ୟାରେ ମୃତ୍ୟୁସଂଖ୍ୟା ୩୮୯ରେ ପହଞ୍ଚିଥିବାବେଳେ ୯୭୭ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି । ଏହି ପରିସ୍ଥିତି ପରେ ଉତ୍ତରାଖଣ୍ଡର କୁମାୟୁଁ ଅଞ୍ଚଳରେ ମଧ୍ୟ ସତର୍କତା ବଢ଼ାଯାଇଛି । ଚମ୍ପାୱତ ଜିଲ୍ଲା ପ୍ରଶାସନ ବନବସା ଓ ଟନକପୁର ଅଞ୍ଚଳରେ କାଳୀ-ଶାରଦା ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖିଛି । ଶାରଦା ବ୍ୟାରେଜ୍, ନଦୀଘାଟ ଓ ଅନ୍ୟ ସମ୍ବେଦନଶୀଳ ନଦୀକୂଳ ଅଞ୍ଚଳରେ ନିରୀକ୍ଷଣ ଜୋରଦାର କରାଯାଇଛି । ପୁଲିସ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଦଳକୁ ସତର୍କ ରଖାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ପୂର୍ବରୁ ରାଜ୍ୟର ସମସ୍ତ ସମ୍ବେଦନଶୀଳ ହିମବାହ ହ୍ରଦର ବ୍ୟାପକ ବୈଜ୍ଞାନିକ ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହ୍ରଦର ଆକାର, ଜଳସ୍ତର, ଆଖପାଖ ଭୂଭାଗ ଓ ସମ୍ଭାବ୍ୟ ବିପଦ ଅଞ୍ଚଳରେ ହେଉଥିବା ପରିବର୍ତ୍ତନର ଆକଳନ କରାଯିବ । ଆଧୁନିକ ସେନ୍ସର, ଜଳସ୍ତର ମାପ ଯନ୍ତ୍ର ଓ ଯୋଗାଯୋଗ ବ୍ୟବସ୍ଥା ମାଧ୍ୟମରେ ପ୍ରାକ୍ ସତର୍କ ସୂଚନା ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରାଯିବ । ଧାମୀ ସୁରକ୍ଷିତ ସ୍ଥାନାନ୍ତର ପଥ, ବିପଦପ୍ରବଣ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତି, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଏବଂ ସ୍ଥାନୀୟସ୍ତରରେ ସତର୍କ ସୂଚନା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲାପାଳମାନଙ୍କୁ ବିପଦପ୍ରବଣ ଅଞ୍ଚଳଗୁଡ଼ିକର ନିୟମିତ ନିରୀକ୍ଷଣ କରି କୌଣସି ଅସ୍ୱାଭାବିକ ଘଟଣା ଦେଖିଲେ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କୁହାଯାଇଛି ।

## ଇଥାନଲ ପାଇଁ ମହଙ୍ଗା ହେବ ଅଣ୍ଡା ! ୨୦-୨୫ ଟଙ୍କା ଛୁଇଁପାରେ ପ୍ରିମିୟମ ଅଣ୍ଡା

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ପିଆଜ, ଚିନି ଓ ଡାଲିର ବଢୁଥିବା ଦର ମଧ୍ୟରେ ଏବେ ଅଣ୍ଡାର ଦାମ ମଧ୍ୟ ବହୁତ ବଢ଼ିବାର ଆଶଙ୍କା ରହିଛି । ଗତ ଏକ ବର୍ଷ ମଧ୍ୟରେ ଦେଶରେ ଅଣ୍ଡାର ଦାମ ପ୍ରାୟ ୩୫-୪୦% ବଢ଼ିସାରିଛି । ଆସନ୍ତା କିଛି ମାସରେ ଏହା ଆହୁରି ମହଙ୍ଗା ହେବାର ସମ୍ଭାବନା ରହିଛି । ନ୍ୟାଶନାଲ ଏଗ କୋଅର୍ଡିନେସନ କମିଟିର ତଥ୍ୟ ଅନୁସାରେ, ବର୍ତ୍ତମାନ ଫାର୍ମରେ ଗୋଟିଏ ଅଣ୍ଡାର ଦାମ ପ୍ରାୟ ୭ ଟଙ୍କା ରହିଛି । ଅନ୍ୟପକ୍ଷରେ, ଅନେକ ବଜାରରେ ଏହାର ଖୁଚୁରା ଦାମ ୮.୫୦ ଟଙ୍କାରୁ ୯ ଟଙ୍କା ମଧ୍ୟରେ ରହିଛି । ଏବେ ପୋଲ୍ଟ୍ରି ଶିଳ୍ପ ଓ ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ଚଳିତ ବର୍ଷ ଶୀତ ଋତୁରେ ଅଣ୍ଡାର ଦାମ ପ୍ରତିଟି ୨୦-୨୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ । ତେବେ ଏହି ରେକର୍ଡ ଦାମ ମୁଖ୍ୟତଃ ବ୍ରାଣ୍ଡେଡ, ପ୍ରିମିୟମ ଓ ସ୍ପେଶାଲିଟି ଅଣ୍ଡା କ୍ଷେତ୍ରରେ ଦେଖିବାକୁ ମିଳିବାର ଆଶଙ୍କା ରହିଛି ।

ଯେପରି ପୂର୍ବରୁ କୁହାଯାଇଛି, ଅଣ୍ଡା ଦାମରେ ରେକର୍ଡ ସ୍ତରର ଏହି ବୃଦ୍ଧି କେବଳ କିଛି ବିଶେଷ ପ୍ରିମିୟମ କିମ୍ବା ସ୍ପେଶାଲ ବ୍ରାଣ୍ଡର ଅଣ୍ଡାରେ ଦେଖିବାକୁ ମିଳିବ । ସାଧାରଣ ମାନର ଅଣ୍ଡା ପାଇଁ ଏତେ ଅଧିକ ଦାମ ଦେବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି । ତେବେ ଗୋଟିଏ କଥା ସ୍ପଷ୍ଟ ଯେ, ଅଣ୍ଡା ଉତ୍ପାଦନ ଖର୍ଚ୍ଚରେ ଦ୍ରୁତ ବୃଦ୍ଧି ଘଟିଛି । ଏଥିରେ ସବୁଠାରୁ ବଡ଼ ସମସ୍ୟା ହେଉଛି ମକା, ଯାହା ପୋଲ୍ଟ୍ରି ଫିଡ୍‌ରେ ବହୁଳ ଭାବେ ବ୍ୟବହାର ହୁଏ । ସରକାରଙ୍କ ୨୦% ଇଥାନଲ ବ୍ଲେଣ୍ଡିଂ ନୀତି ଯୋଗୁ ଡିଷ୍ଟିଲେରୀଗୁଡ଼ିକରେ ମକାର ଚାହିଦା ବଢ଼ିଛି । ଶିଳ୍ପ ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ, ଭାରତରେ ଉତ୍ପାଦିତ ମକାର ପ୍ରାୟ ୩୭% ଏବେ ଇଥାନଲ ଉତ୍ପାଦନରେ ବ୍ୟବହୃତ ହେଉଛି । ମକାର ଅଧିକ ଚାହିଦା ଯୋଗୁ ଗତ ତିନି ବର୍ଷ ମଧ୍ୟରେ ଏହାର ଦାମ ପ୍ରତି ଟନ ୧୪ ହଜାର ଟଙ୍କାରୁ ବଢ଼ି ପ୍ରାୟ ୨୬ ହଜାର ୫୦୦ ଟଙ୍କାରେ ପହଞ୍ଚିଛି ।

## ଥରିଲା ସିଚୁଆନ୍, ଚୀନ୍‌ରେ ୫.୧ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ଚୀନ୍‌ରେ ଭୂମିକମ୍ପର ଝଟକା । ୫.୧ ତୀବ୍ରତାର ଭୂମିକମ୍ପରେ ଥରିଲା ସିଚୁଆନ୍ ପ୍ରଦେଶର କିଛି ଅଞ୍ଚଳ । ଚୀନ୍‌ର ସରକାରୀ ଖବର ସଂସ୍ଥା ସିନହୁଆର ରିପୋର୍ଟ ଅନୁସାରେ, ନାଇଜିଆଙ୍ଗର ଲଙ୍ଗଚାଙ୍ଗ ସହର ନିକଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି । ଚୀନ୍ ଭୂମିକମ୍ପ ନେଟୱର୍କ କେନ୍ଦ୍ର ଅନୁସାରେ, ବେଜିଂ ସମୟ ଦିନ ୧ଟା ୧୩ ମିନିଟ୍‌ରେ ଭୂମିକମ୍ପ ହୋଇଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୧୩ କିଲୋମିଟର ଗଭୀରରେ ଥିବା ଜଣାପଡ଼ିଛି । ତେଣୁ ନିକଟବର୍ତ୍ତୀ ଅଞ୍ଚଳରେ ଏହାର ଝଟକା ଅନୁଭୂତ ହୋଇଥାଇପାରେ ଲଙ୍ଗଚାଙ୍ଗ ସହର ସିଚୁଆନ୍ ବେସିନରେ ଅବସ୍ଥିତ । ଏହି ଅଞ୍ଚଳ ସିଚୁଆନ୍ ଓ ଏହାର ଆଖପାଖ ଅଞ୍ଚଳକୁ ଯୋଡୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ କେନ୍ଦ୍ର ଭାବେ ମଧ୍ୟ ଜଣାଶୁଣା । ତେବେ ଭୂମିକମ୍ପରେ କେତେ କ୍ଷୟକ୍ଷତି ହୋଇଛି, କେହି ମୃତାହତ ହୋଇଛନ୍ତି କି ନାହିଁ କିମ୍ବା ପରବର୍ତ୍ତୀ ଝଟକାର ସମ୍ଭାବନା ରହିଛି କି ନାହିଁ, ସେନେଇ ଚୀନ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଯାଏଁ କୌଣସି ବିସ୍ତୃତ ସୂଚନା ମିଳିନାହିଁ ।

## ଇରାନର ମାଇନ୍ ହଟାଇଲା ଆମେରିକା !

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ହରମୁଜ ପ୍ରଣାଳୀକୁ ନେଇ ବଡ଼ ଦାବି କଲା ଆମେରିକା । ସମୁଦ୍ରରେ ଇରାନ ବିଛାଇଥିବା ସମସ୍ତ ମାଇନ୍‌କୁ ସଫା କରାଯାଇଥିବା ଦାବି କରିଛି ଆମେରିକୀୟ ସେନା । ଏହା ସହିତ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ପୁଣି ଜାହାଜ ଚଳାଚଳ ପାଇଁ ସୁରକ୍ଷିତ ବୋଲି କହିଛି ଆମେରିକା । ଆମେରିକା ସେଣ୍ଟ୍ରାଲ କମାଣ୍ଡର ମୁଖ୍ୟ ତଥା ମଧ୍ୟପ୍ରାଚ୍ୟ ପାଇଁ ନିୟୋଜିତ ଶୀର୍ଷ କମାଣ୍ଡର ଆଡମିରାଲ ବ୍ରାଡ୍ କୁପର ଏନେଇ ସୂଚନା ଦେଇଛନ୍ତି । ଗୁରୁବାର ରାତିରେ ଜାରି ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ, ଗତ କିଛି ମାସ ଧରି ଆମେରିକୀୟ ନୌସେନାର ଡାଇଭର, ସିଲ୍ସ ଏବଂ ବିମାନ ସହାୟତାରେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ ମାଇନ୍‌ଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି । ଫଳରେ ହରମୁଜ ପ୍ରଣାଳୀ ଏବେ ସାଧାରଣ ଜାହାଜ ଚଳାଚଳ ପାଇଁ ପୁଣି ଖୋଲା ଓ ସୁରକ୍ଷିତ ହୋଇଥିବା ଆମେରିକା ଦାବି କରିଛି ।ହରମୁଜ ପ୍ରଣାଳୀ ହେଉଛି ବିଶ୍ୱର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ । ଏହି ରାସ୍ତା ଦେଇ ବହୁ ପରିମାଣରେ ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ ଏବଂ ସାର ପରିବହନ ହୋଇଥାଏ । ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ପରେ ଏହି ଜଳପଥରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବା ଦାବି କରାଯାଇଛି । ତେଣୁ ମାଇନ୍ ହଟାଯିବା ନେଇ ଆମେରିକାର ଦାବିକୁ ବିଶ୍ୱ ବାଣିଜ୍ୟ ଏବଂ ତେଲ ଯୋଗାଣ ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଉଛି ।ତେବେ ହରମୁଜରୁ ସମସ୍ତ ମାଇନ୍ ହଟିଛି କି ନାହିଁ, ତାକୁ ନେଇ ପୂର୍ବରୁ ପ୍ରଶ୍ନ ଉଠିଥିଲା । ଆମେରିକାର କିଛି ସହଯୋଗୀ ଦେଶର ଆକଳନ ଅନୁସାରେ, ଇରାନ ପ୍ରାୟ ୮୦ରୁ ୧୫୦ଟି ମାଇନ୍ ବିଛାଇଥାଇପାରେ ଏବଂ ସମସ୍ତ ମାଇନ୍ ସଫା ହୋଇନଥିବା ସନ୍ଦେହ ପ୍ରକାଶ କରାଯାଇଥିଲା । ହେଲେ ଆମେରିକା ଅଧିକାରୀମାନେ ଏହି ଆକଳନକୁ ପୁରୁଣା ସୂଚନା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି ।ଅନ୍ୟପଟେ ଆମେରିକାର ଟ୍ରେଜରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ, ଗତ ୧୪ ଦିନ ମଧ୍ୟରେ ଆମେରିକାର ତତ୍ତ୍ୱାବଧାନରେ ହରମୁଜ ଦେଇ ପ୍ରାୟ ୧୩୦ ନିୟୁତ ବ୍ୟାରେଲ ଅଶୋଧିତ ତେଲ ସୁରକ୍ଷିତ ଭାବେ ପରିବହନ ହୋଇଛି ।ଅନ୍ୟପଟେ ଇରାନ ମଧ୍ୟ ହରମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ରହିଥିବା ଦାବି କରିଛି । ଏହା ସହ ଓମାନ ସହ ରାଜସ୍ୱ ଭାଗବଣ୍ଟାକୁ ନେଇ ଚୁକ୍ତି କରିଥିବା ମଧ୍ୟ ଇରାନ ପକ୍ଷରୁ କୁହାଯାଇଛି । ତେଣୁ ଗୋଟିଏପଟେ ହରମୁଜ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଆମେରିକାର ଦାବି, ଅନ୍ୟପଟେ ଜଳପଥ ଉପରେ ନିଜ ନିୟନ୍ତ୍ରଣ ଥିବା ଇରାନର ଦାବି ଏହାରି ଭିତରେ ହରମୁଜକୁ ନେଇ ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି ।

## ବଢ଼ିଲା ରାହୁଲ ଗାନ୍ଧୀଙ୍କ ଅଡୁଆ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ମନୁସ୍ମୃତି ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଅସୁବିଧା ବୃଦ୍ଧି ପାଇବାରେ ଲାଗିଛି । ସୁପ୍ରିମକୋର୍ଟ ଓକିଲ ନାଜିଆ ଖାନ ରାହୁଲଙ୍କ ବିରୋଧରେ ପୁଲିସରେ ଏକ ଅଭିଯୋଗ ଦାଖଲ କରିଛନ୍ତି । ରାହୁଲ ପ୍ରାଚୀନ ଗ୍ରନ୍ଥର କିଛି ଅଂଶକୁ ଭୁଲ୍ ଭାବରେ ଉପସ୍ଥାପନ କରି ଲୋକଙ୍କ ଭାବନାକୁ ଆଘାତ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି । ଅଗଷ୍ଟ ୨୨ ରେ ପୁଣେଠାରେ ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ରାହୁଲ ନାରୀ ସ୍ୱାଧୀନତା ଓ ପିତୃସତ୍ତାତ୍ମକ ମାନସିକତା ଉପରେ ବକ୍ତବ୍ୟ ଦେଇଥିଲେ । ମନୁସ୍ମୃତିରୁ ଉଦ୍ଧୃତି ଦେଇ ସେ କହିଥିଲେ ଯେ, 'ବାଲ୍ୟକାଳରେ ନାରୀ ପିତାଙ୍କ ଅଧୀନରେ, ଯୌବନରେ ସ୍ୱାମୀଙ୍କ ଅଧୀନରେ ଏବଂ ବାର୍ଦ୍ଧକ୍ୟରେ ପୁତ୍ରଙ୍କ ଅଧୀନରେ ରହେ; ନାରୀ କେବେ ସ୍ୱାଧୀନ ହେବା ଉଚିତ୍ ନୁହେଁ' – ଏହିଭଳି ଶବ୍ଦ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ । ନାରୀମାନେ ନିଜ ନିଜର ପରିଚୟ ସୃଷ୍ଟି କରିବା ଉଚିତ୍, ସେମାନେ କାହା ଅଧୀନରେ ନୁହନ୍ତି ।ନାଜିଆ ଖାନ ANI କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଗୋଟିଏ ଅଧ୍ୟାୟର କିଛି ଶବ୍ଦକୁ ମୋଡ଼ିମାଡ଼ି



ଉପସ୍ଥାପନ କରି ମନୁସ୍ମୃତିକୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି । ସେ ସାମ୍ବିଧାନିକ ଅଧିକାର ଓ ସ୍ୱାଧୀନତାକୁ ସମ୍ମାନ ଦିଅନ୍ତି, କିନ୍ତୁ ଭ୍ରାନ୍ତ ତଥ୍ୟ ପ୍ରସାରକୁ ବିରୋଧ କରନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ମୁଁ କଲମା ପଢେ ଏବଂ ବନ୍ଦେ ମାତରମ୍ ଗାଇବାରେ ଗର୍ବ ଅନୁଭବ କରେ ।' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଫଟୋ କାହିଁକି ଲଗାଯାଇଥିଲା ବୋଲି ନାଜିଆ ପ୍ରଶ୍ନ କରିଛନ୍ତି । ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ କେବେବି ଲୋକଙ୍କୁ ମନୁସ୍ମୃତି ପଢ଼ିବାକୁ କହିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି । ରାହୁଲ ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରିଥିବାରୁ ତାଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ସେ ଦାବି କରିଛନ୍ତି ।

## ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ୍ ମିସାଇଲ୍ କିଣିବାକୁ ଭାରତର ଯୋଜନା

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ଭାରତ ଯୁଦ୍ଧ-ପରୀକ୍ଷିତ ଆମେରିକା ନିର୍ମିତ ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ୍ ମିସାଇଲ୍ ସିଷ୍ଟମ ହାସଲ କରିବାକୁ ଯୋଜନା କରୁଛି । ଭାରତର ଏହି ଯୋଜନାକୁ ନୂଆଦିଲ୍ଲୀରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ପ୍ରଶଂସା କରିଛନ୍ତି । ଗୋର୍ କହିଛନ୍ତି ଯେ, ଏହା ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ହେବ ଓ ଏହା ସହ-ଉତ୍ପାଦନ ସମ୍ଭାବନାର ଦ୍ୱାର ଖୋଲିପାରେ । ଗୋର୍ କହିଛନ୍ତି ଯେ, ବର୍ଦ୍ଧିତ ପ୍ରତିରକ୍ଷା ଓ ଶିଳ୍ପ ସହଯୋଗ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଉଚ୍ଚସ୍ତରରେ ରହିଛି ।ଜାଭେଲିନ୍ ହେଉଛି ଆମେରିକା ନିର୍ମିତ, ପୋର୍ଟ ?ବଲ୍, ଫାୟାର-ଏଣ୍ଡ-ଫୋର୍ଗେଟ୍ ଆଣ୍ଟି-ଟ୍ୟାଙ୍କ୍ ମିସାଇଲ୍ ଯାହା



ସଶସ୍ତ୍ର ବିପଦକୁ ସଠିକ୍ ଭାବରେ ଟାର୍ଗେଟ କରିବା ପାଇଁ ଡିଜାଇନ୍ କରାଯାଇଛି । ଜାଭେଲିନ୍ ଚୁକ୍ତି ଭାରତ ପାଇଁ କେବଳ ଏକ କ୍ଷେପଣାସ୍ତ୍ର ଅଧିଗ୍ରହଣ ନୁହେଁ । ଏହା ଆମେରିକା-ଭାରତ ପ୍ରତିରକ୍ଷା ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ବୋଲି ଭାରତରେ ଥିବା ଆମେରିକୀୟ ଦୂତାବାସ କହିଛି ।

## ଏୟାରପୋର୍ଟରେ ଅବତରଣ ବେଳେ ଫାଟିଲା ବିମାନ ଟାୟାର, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ଛତିଶଗଡ଼ ବିଳାଶପୁର ଚକ୍କରଭାଠା ଏୟାରପୋର୍ଟରେ ଶୁକ୍ରବାର ଏକ ଭୀଷଣ ବିମାନ ଦୁର୍ଘଟଣା ଅଳ୍ପକେ ଟଳିଛି । ଦିଲ୍ଲୀରୁ ବିଳାଶପୁର ଆସିଥିବା ଆଲାଏନ୍ସ ଏୟାର ଫ୍ଲାଇଟ ସଂଖ୍ୟା ୯୧୬୯୭ ରନୱେରେ ଲ୍ୟାଣ୍ଡିଂ କରୁଥିବା ବେଳେ ଅଚାନକ ବିମାନର ଏକ ଟାୟାର ଫାଟି ଯାଇଛି । ବିମାନ ଅବତରଣ ସହ ବିସ୍ଫୋରଣ ଶବ୍ଦ ବିମାନବନ୍ଦରରେ ଆତଙ୍କ ଖେଳାଇ ଦେଇଥିଲା । ବିମାନ ବନ୍ଦର ପ୍ରଶାସନ ଓ କର୍ମଚାରୀ ଆତଙ୍କିତ ହୋଇ ପଡିଥିଲେ । ତେବେ ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଭୀଷଣ ବିମାନ ଦୁର୍ଘଟଣା ଟଳି ପାରିଛି ।ଲ୍ୟାଣ୍ଡିଂ କାଳରେ ଜୋରଦାର ଶବ୍ଦ ସହ ଟାୟାର ଫାଟିବା ସତ୍ତ୍ୱେ ପାଇଲଟ ଅସାଧାରଣ ସାହସ ପ୍ରଦର୍ଶନ ପୂର୍ବକ ବିମାନକୁ ଅସନ୍ତୁଳିତ ହେବାକୁ ଦେଇ ନଥିଲେ ଓ ତତ୍ପରତାର ସହ ବିମାନକୁ ରନୱେ କଡରେ ରୋକି ଦେଇଥିଲେ । ସୂଚନା ପାଇ ଏୟାରପୋର୍ଟ ଫାୟାର ଓ ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ । ତେବେ ଏହି ଘଟଣାରେ ଯାତ୍ରୀ ଅଥବା ଚାଳକ ଦଳ ସଦସ୍ୟ ପ୍ରଭାବିତ ହୋଇ ନଥିବା ବେଳେ ସମସ୍ତେ ସୁରକ୍ଷିତ ବାହାରିଛନ୍ତି । ଏହି ଘଟଣା ପରେ ବିମାନରେ ଦେଖା ଦେଇଥିବା ବୈଷୟିକ ତ୍ରୁଟି ଯୋଗୁ ବିଳାଶପୁରରୁ ପ୍ରୟାଗରାଜ ଯିବାକୁ ଥିବା କନେକ୍ଟିଂ ଫ୍ଲାଇଟ ରଦ୍ଦ ହୋଇଯାଇଛି ।ଏଣୁ ବିମାନରେ ଥିବା ତଥା ଏୟାରପୋର୍ଟରେ ଅପେକ୍ଷା କରିଥିବା ପ୍ରୟାଗରାଜ ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି । ଘଟଣା ପରେ ଏୟାରପୋର୍ଟ ଅଥରିଟି ଓ ଆଲାଏନ୍ସ ଏୟାରର ଟେକ୍ନିକାଲ ଟିମ୍ ଘଟଣାର କାରଣ ଓ ଟାୟାର ଫାଟିବା ଯାଞ୍ଚ ଆରମ୍ଭ କରିଦେଇଛନ୍ତି । ବିମାନ ଏବେ ବିଳାଶପୁର ଏୟାରପୋର୍ଟରେ ଅଟକି ରହିଥିବା ବେଳେ ସମସ୍ତ ଯାତ୍ରୀ ଓ ଚାଳକଦଳ ସଦସ୍ୟ ସୁରକ୍ଷିତ ଥିବା କୁହାଯାଇଛି ।

## ସୋନିଆଙ୍କ ମେମୋଏର 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍' ପ୍ରକାଶନ କରିବନି ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍

**ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି):** ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ସୋନିଆ ଗାନ୍ଧୀଙ୍କ ମେମୋଏର୍ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ଭାରତରେ ପ୍ରକାଶକ ନୁହେଁ । ସୋନିଆ ସମ୍ପାଦକୀୟ ପରିବର୍ତ୍ତନଗୁଡ଼ିକୁ ମନା କରିବା ପରେ ପ୍ରକାଶକ ପଛକୁ ହଟିଯାଇଥିବା କମ୍ପାନୀ ଏକ ବିବୃତିରେ କହିଛି । ଏକ ରିପୋର୍ଟ ଅନୁଯାୟୀ, ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ମେମୋଏର୍ ଏକ ଅଂଶରେ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଓ ବିଲୋପ କରିବାକୁ ଚାହୁଁଥିଲା । କିନ୍ତୁ ସୋନିଆ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ତାଙ୍କ ପାଠ୍ୟରେ କୌଣସି ପରିବର୍ତ୍ତନ କିମ୍ବା କିଛି ବାଦ୍ ଦେବାକୁ ସେ ମନା କରିଥିଲେ । ଏହି ମତଭେଦ ଶେଷରେ ବିଶ୍ୱ ପ୍ରକାଶନ ସଂସ୍ଥାର ଭାରତୀୟ ଶାଖାକୁ ପ୍ରକଳ୍ପରୁ ଓହରି ଯିବାକୁ ବାଧ୍ୟ କରିଥିଲା ।

ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଆଉ ଜଡିତ ନଥିବାରୁ ହାର୍ପରକଲିନ୍ସ ଇଣ୍ଡିଆ ଭାରତରେ ମେମୋଏର୍ ପ୍ରକାଶନ ଓ ବଣ୍ଟନ ପାଇଁ ଏକ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଯାଉଛି ବୋଲି ଜଣାପଡ଼ିଛି । ଏହି ଘଟଣା ପୁସ୍ତକର ଅନ୍ତର୍ଜାତୀୟ ପ୍ରକାଶନକୁ ପ୍ରଭାବିତ କରିବ ନାହିଁ ବୋଲି ଆଶା କରାଯାଉଛି । 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍' ନଭେମ୍ବର ୧୦, ୨୦୨୬ ରେ ବିଶ୍ୱବ୍ୟାପୀ ପ୍ରକାଶନ ପାଇଁ ସ୍ଥିର କରାଯାଇଛି ଓ ଏହାକୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସର ଆଲଫ୍ରେଡ୍ ଏ. ନପ୍ଫଙ୍କ ଦ୍ୱାରା ଆମେରିକାରେ ପ୍ରକାଶିତ କରାଯିବ ।



# ଆଦାନୀ ଧାମରା ପୋର୍ଟରେ ଷ୍ଟାର ସେଫ୍ଟି ପୁରସ୍କାର ସମାରୋହ

**ଧାମରା, ୨୮।୮ (ନି.ପ୍ର) :** ଆଦାନୀ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ (ଡିପିସିଏଲ)ପକ୍ଷରୁ ଷ୍ଟାର ସେଫ୍ଟି ପୁରସ୍କାର ସମାରୋହ ଆୟୋଜିତ ହୋଇଥିଲା । କାର୍ଯ୍ୟସ୍ଥଳରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପ୍ରତି ଉତ୍କୃଷ୍ଟ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା କର୍ମଚାରୀ, ଠିକା ଶ୍ରମିକ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା । ଡିପିସିଏଲର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ଏକ ସୁରକ୍ଷିତ ଏବଂ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ କର୍ମଚାରୀମାନଙ୍କୁ ସଚେତନ ଓ ସକ୍ରିୟ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁ କର୍ମଚାରୀମାନେ ନିୟମିତ ଭାବେ ପୋର୍ଟ ଭିତରେ ସୁରକ୍ଷା ଧାରା ଅନୁଯାୟୀ କାର୍ଯ୍ୟ କରିଛନ୍ତି, ବିପଦକୁ ଚିହ୍ନଟ କରି ଜଣାଇଥିଲେ, ବିପଦକୁ କମାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେଇ ପୋର୍ଟର ସୁରକ୍ଷା ପାଇଁ ସକ୍ରିୟ ଭାବେ ସହଯୋଗ କରିଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।



ସଭାରେ ଉଦବୋଧନ ଦେଇ ଡିପିସିଏଲର ଅଧିକାରୀମାନେ କହିଥିଲେ ଯେ, ସୁରକ୍ଷା ହେଉଛି ସଂସ୍ଥାର ଏକ ପ୍ରମୁଖ ମୂଲ୍ୟବୋଧ ଏବଂ ପୋର୍ଟରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ । 'ଷ୍ଟାର ସେଫ୍ଟି ଆୱାର୍ଡ' ଭଳି ପୁରସ୍କାର କର୍ମଚାରୀ ଓ ଠିକାଦାରମାନଙ୍କୁ ସୁରକ୍ଷିତ ଭାବେ କାମ କରିବାକୁ ପ୍ରେରଣା ଦିଏ ବୋଲି ଅଧିକାରୀମାନେ କହିଥିଲେ । କାର୍ଯ୍ୟକ୍ରମରେ ପୋର୍ଟ କର୍ମଚାରୀ, ଠିକାଦାର ଏବଂ ବିଭାଗୀୟ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା ରୋକିବା ଏବଂ ସୁସ୍ଥ ଓ ସୁରକ୍ଷିତ ପରିବେଶ ପାଇଁ ଅଭିଜିତ ଘୋଷ, ପ୍ରିୟରଞ୍ଜନ ଭୂୟାଁ, ନିରଞ୍ଜନ ନାୟକଙ୍କୁ ସାର୍ଟିଫିକେଟ, ମାନପତ୍ର ଏବଂ ୩୨ଇଞ୍ଚର ଏଲଇଡି ଟେଲିଭିଜନ ଦିଆଯାଇ ପୁରସ୍କୃତ କରାଯାଇ କରାଯାଇଥିଲା ।

ଏହି ପଦକ୍ଷେପ ମାଧ୍ୟମରେ ଡିପିସିଏଲ୍ ସୁରକ୍ଷାକୁ ପ୍ରାଥମିକତା ଦେଇ ଆସିଛନ୍ତି । ଏହା ସହିତ, କର୍ମଚାରୀମାନଙ୍କୁ ଅସୁରକ୍ଷିତ ପରିସ୍ଥିତି ଦେଖିଲେ ତୁରନ୍ତ ଜଣାଇବା ଏବଂ ସୁରକ୍ଷାରେ ନିରନ୍ତର ଉନ୍ନତି ଆଣିବାକୁ ଉତ୍ସାହିତ କରାଯାଉଛି । ପୋର୍ଟ ସହ ଜଡ଼ିତ ସମସ୍ତଙ୍କ ପାଇଁ ସୁରକ୍ଷାକୁ ଜୀବନର ଏକ ଅଂଶ କରି 'ଜିରୋ ହାର୍ମ' ଲକ୍ଷ୍ୟ ହାସଲ ଦିଗରେ ଡିପିସିଏଲ ଅଗ୍ରସର ହୋଇ ଚାଲିଛି ।

# ଇ-କମର୍ସ ଅଭିବୃଦ୍ଧିରେ ଅଣ-ମେଟ୍ରୋ ସହର ଓ କ୍ଷୁଦ୍ର ବ୍ୟବସାୟୀ ଆଗରେ

**ଭୁବନେଶ୍ୱର, ୨୮।୮ (ନି.ପ୍ର):** ରାଖୀ ପର୍ବକୁ ନେଇ ଦେଶରେ ଅନଲାଇନ୍ କିଣାକିଣି ବଢ଼ିଥିବା ବେଳେ ଇ-କମର୍ସ ପ୍ଲାଟଫର୍ମ ମୀଶୋରେ ଏହାର ପ୍ରଭାବ ସ୍ପଷ୍ଟ ହୋଇଛି । ଗତବର୍ଷର ସମାନ ରାଖୀ କିଣାକିଣି ଅବଧି ତୁଳନାରେ ଚଳିତ ବର୍ଷ ମୀଶୋରେ ଅର୍ଡର ପରିମାଣ ପ୍ରାୟ ୩୬% ବୃଦ୍ଧି ପାଇଛି । ସେହିପରି ପ୍ଲାଟଫର୍ମର ମୋଟ ବାଣିଜ୍ୟିକ କାରବାର ମୂଲ୍ୟରେ ପ୍ରାୟ ୩୮% ଅଭିବୃଦ୍ଧି ଘଟିଛି । ରାଖୀ ବଜାରରେ ଅଣ-ମେଟ୍ରୋ ଭାରତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି । ମୀଶୋରେ ହୋଇଥିବା ମୋଟ ରାଖୀ ଅର୍ଡରର ପ୍ରାୟ ୭୩% ଅଣ-ମେଟ୍ରୋ ସହରରୁ ଆସିଛି । ବିଶେଷକରି ଟିୟର-୩ ଓ ଟିୟର-୪ ସହରରେ ଚାହିଦାରେ ସବୁଠାରୁ ଦ୍ରୁତ ବୃଦ୍ଧି ହୋଇଛି । ଏହି ତାଲିକାରେ ଉତରପ୍ରଦେଶର ଶିଳ୍ପ ସହର ଦାଦରୀ ପ୍ରାୟ ୧୦୫% ବାର୍ଷିକ ଅଭିବୃଦ୍ଧି ସହ ଶୀର୍ଷରେ ରହିଛି । ଏହା ପରେ ଓଡ଼ିଶାର ନବରଙ୍ଗପୁର, କାସଗ, ଧାମତରୀ ଏବଂ ମଧ୍ୟପ୍ରଦେଶର ନୈନପୁର ଭଳି ସହର ରହିଛି । ଏହି ଧାରା ଦେଶର ଛୋଟ ସହର ଓ ଅର୍ଦ୍ଧ-ସହରାଂଚଳରେ ଅନଲାଇନ୍ କିଣାକିଣିର ଗ୍ରହଣୀୟତା ବଢୁଥିବା ସହ ଉତ୍ସବକାଳୀନ ଇ-କମର୍ସ ବଜାରର ବିସ୍ତାରକୁ ଦର୍ଶାଉଛି । ରାଖୀ ବଜାରରେ ଡିଜିଟାଲ୍ ପେମେଂଟ ପ୍ରତି ଗ୍ରାହକଙ୍କ ଭରସା ମଧ୍ୟ ବୃଦ୍ଧି ପାଇଛି । ଚଳିତ ଋତୁରେ ମୀଶୋରେ ହୋଇଥିବା ମୋଟ ରାଖୀ ଅର୍ଡରର ୫୮% ପ୍ରିପେଡ୍ ପେମେଂଟ ମାଧ୍ୟମରେ ହୋଇଛି । ଏହା ଅନଲାଇନ୍ କିଣାକିଣି ଓ ପ୍ରିପେଡ୍ ଲେନଦେନ ପ୍ରତି ଗ୍ରାହକଙ୍କ ବଢୁଥିବା ବିଶ୍ୱାସକୁ ସୂଚାଉଛି । ଅନ୍ୟପକ୍ଷରେ, ରାଖୀ ପର୍ବ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ବ୍ୟବସାୟ ବଢ଼ାଇବାର ସୁଯୋଗ ଆଣିଛି । ମୀଶୋରେ ରାଖୀ ସାମଗ୍ରୀ ବିକ୍ରି କରୁଥିବା ବିକ୍ରେତାଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ପ୍ରାୟ ୭୨% ବଢ଼ିଛି । ଅନେକ କ୍ଷୁଦ୍ର ବ୍ୟବସାୟୀ ନିଜ ଉତ୍ପାଦ ତାଲିକା ବଢ଼ାଇବା ସହ ଉତ୍ସବକାଳୀନ ଚାହିଦାର ଲାଭ ନେବା ପାଇଁ ମୀଶୋ ପ୍ଲାଟଫର୍ମକୁ ବ୍ୟବହାର କରିଛନ୍ତି । ରାଖୀ ବଜାରରେ ଆଧୁନିକ ଡିଜାଇନ୍ ଓ ନୂଆ ଉତ୍ପାଦ ସାମିଲ ହୋଇଥିଲେ ମଧ୍ୟ ପାରମ୍ପରିକ ରାଖୀ ପ୍ରତି ଚାହିଦା ଅବ୍ୟାହତ ରହିଛି । ଚଳିତ ବର୍ଷ ମୀଶୋରେ ସର୍ବାଧିକ ବିକ୍ରି ହୋଇଥିବା ଉତ୍ପାଦ ମଧ୍ୟରେ ଗ୍ରିଟିଂ କାର୍ଡ ସହ ଆସୁଥିବା ବ୍ରେସଲେଟ୍ ଷ୍ଟାଇଲ୍ ରାଖୀ ସେଟ୍ ରହିଛି । ସେହିପରି ନିଜସ୍ୱ ରୁଚି ଓ ଭାବନାକୁ ଗୁରୁତ୍ୱ ଦେଇ ଗ୍ରାହକମାନେ ବ୍ୟକ୍ତିଗତ ନାମ ଲେଖା ରାଖୀ ପ୍ରତି ମଧ୍ୟ ଅଧିକ ଆଗ୍ରହ ଦେଖାଇଛନ୍ତି । ବ୍ୟକ୍ତିଗତ ନାମ ଥିବା ରାଖୀର ଚାହିଦାରେ ତୀବ୍ର ବୃଦ୍ଧି ହୋଇଥିବାରୁ ଗ୍ରାହକମାନେ ପାରମ୍ପରିକ ଉପହାରକୁ ମଧ୍ୟ ନିଜସ୍ୱ ଢଙ୍ଗରେ ପ୍ରଦାନ କରିବାକୁ ପସନ୍ଦ କରୁଥିବା ଜଣାପଡ଼ିଛି । ସାମଗ୍ରିକ ଭାବେ, ରାଖୀ ୨୦୨୬ ମୀଶୋ ପାଇଁ ଉତ୍ସବକାଳୀନ ଇ-କମର୍ସ ବଜାରର ବୃଦ୍ଧିର ଏକ ନୂଆ ଚିତ୍ର ଦେଇଛି । ଛୋଟ ସହରରୁ ବଢୁଥିବା ଚାହିଦା, ପ୍ରିପେଡ୍ ପେମେଂଟର ବୃଦ୍ଧି ଏବଂ ଅଧିକ ସଂଖ୍ୟକ କ୍ଷୁଦ୍ର ବିକ୍ରେତାଙ୍କ ଅଂଶଗ୍ରହଣ ଦେଶର ଉପଭୋକ୍ତା ଓ ଉଦ୍ୟୋଗୀମାନଙ୍କୁ ଇ-କମର୍ସ ସହ ଯୋଡ଼ିବାରେ ମୀଶୋର ବଢୁଥିବା ଭୂମିକାକୁ ଦର୍ଶାଇଛି ।

# ଆଇଆଇଏମଟିରେ ମୁକ୍ତାକାଶ ବ୍ୟାୟାମଶାଳା ଉଦଘାଟିତ

**ଭୁବନେଶ୍ୱର, ୨୮।୮ (ନି.ପ୍ର) :** ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସକୁ ଡକ୍ଟର ସାର୍ଥକ ଷଡଙ୍ଗୀ ଆଇପିଏସ୍, ଆଇଜି ପୁଲିସ (କ୍ରାଇମ୍ ବ୍ରାଞ୍ଚ) ପରିଦର୍ଶନ କରିଛନ୍ତି । ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ନୂତନ ଭାବରେ ପ୍ରତିଷ୍ଠିତ ମୁକ୍ତାକାଶ ବ୍ୟାୟାମଶାଳାକୁ ସେ ଉଦଘାଟନ କରିଥିଲେ । ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଏବଂ ଇଞ୍ଜିନିୟର ବିଭୁ ପ୍ରସାଦ ରାଉତରାୟଙ୍କ ଉପସ୍ଥିତିରେ ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟାପକ ଏବଂ ଛାତ୍ରମାନେ ଡକ୍ଟର ଷଡଙ୍ଗୀଙ୍କୁ ସ୍ୱାଗତ କରିଥିଲେ । ତାଙ୍କର ଗସ୍ତ ପ୍ରତିଷ୍ଠାନର ଶିକ୍ଷା ସମ୍ପ୍ରଦାୟ ସହିତ ପାରସ୍ପରିକ କ୍ରିୟା ଏବଂ ଏହାର ବିଭିନ୍ନ ପଦକ୍ଷେପ ଏବଂ ସୁବିଧାଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା । ପରିଦର୍ଶନ ସମୟରେ ମୁକ୍ତାକାଶ ବ୍ୟାୟାମଶାଳା ଡକ୍ଟର ଷଡଙ୍ଗୀ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଏବଂ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ବୋଲି ସେ କହିଥିଲେ । ଏହି ସୁବିଧା ଆଇଆଇଏମଟି ସମ୍ପ୍ରଦାୟକୁ କ୍ୟାମ୍ପସରେ ନିୟମିତ ବ୍ୟାୟାମ ଏବଂ ଫିଟନେସ୍ କାର୍ଯ୍ୟକଳାପ ପାଇଁ ଏକ ସୁଗମ ସ୍ଥାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଡକ୍ଟର ଷଡଙ୍ଗୀ ପ୍ରତିଷ୍ଠାନର



ଯୋଗ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଏବଂ ଏହାର କାର୍ଯ୍ୟକାରିତା ଏବଂ ଚାଲୁଥିବା କାର୍ଯ୍ୟକଳାପ ସମୀକ୍ଷା କରିଥିଲେ । ଛାତ୍ର ଏବଂ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ଯୋଗ, ସୁସ୍ଥତା, ମନନଶୀଳତା ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କେନ୍ଦ୍ରର ଭୂମିକା ବିଷୟରେ ତାଙ୍କୁ ସୂଚନା ଦିଆଯାଇଥିଲା । ପରେ ସେ ବୌଦ୍ଧିକ ସମ୍ପତ୍ତି ପାଠାଗାର ପରିଦର୍ଶନ କରିଥିଲେ । ଯେଉଁଠାରେ ତାଙ୍କୁ ଏହି ସୁବିଧା ଏବଂ ବୌଦ୍ଧିକ ସମ୍ପତ୍ତି ଅଧିକାର, ଗବେଷଣା, ନବସୃଜନ ଏବଂ ଜ୍ଞାନ ସୃଷ୍ଟି ସମ୍ପର୍କରେ ସଚେତନତାକୁ ସମର୍ଥନ କରିବାରେ ଏହାର ଭୂମିକା ବିଷୟରେ ଅବଗତ କରାଯାଇଥିଲା । ଏହି ପରିଦର୍ଶନରେ ନବସୃଜନକୁ ପ୍ରୋତ୍ସାହିତ କରୁଥିବା ଏକ ଶୈକ୍ଷିକ ପରିବେଶକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ବୌଦ୍ଧିକ ଅବଦାନର ସୁରକ୍ଷା କରାଯାଇଥିଲା । ଡକ୍ଟର ଷଡଙ୍ଗୀ ନୂତନ ଭାବରେ ଖୋଲାଯାଇଥିବା ୟୁନିଭର୍ସାଲ ହ୍ୟୁମାନ୍ ମୂଲ୍ୟବୋଧ ନୋଡାଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ । ତାଙ୍କୁ କେନ୍ଦ୍ରର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକଳାପ ବିଷୟରେ ସୂଚନା ଦିଆଯାଇଥିଲା, ଯାହା ମାନବିକ ମୂଲ୍ୟବୋଧ, ନୈତିକ ଆଚରଣ, ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ଛାତ୍ର ଏବଂ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ସୁସଜ୍ଜିତ ସମ୍ପର୍କ ପ୍ରତି ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ । ପରିଦର୍ଶନର ଏକ ଅଂଶ ଭାବରେ, ଡକ୍ଟର ଷଡଙ୍ଗୀ ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସ ପରିଦର୍ଶନ କରିଥିଲେ ଏବଂ ଏହାର ବିଭିନ୍ନ ଶୈକ୍ଷିକ ଏବଂ ଛାତ୍ର-ମୁଖୀ ସୁବିଧାଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ । କ୍ୟାମ୍ପସ ଗସ୍ତ ସମୟରେ ସେ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଏବଂ ବିଭୁ ପ୍ରସାଦ ରାଉତରାୟ ତାଙ୍କ ସହିତ ଥିଲେ ।

# ଆସନ୍ତା ସୋମବାର ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୨୮।୮ (ନି.ପ୍ର):** ଅଗଷ୍ଟ ୩୧ ତାରିଖ ସୋମବାର ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଭୁଲିଆ ସମାଜ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତି ପାଳିତ



**ବଲାଙ୍ଗିର,୨୮/୮ (ନି.ପ୍ର):** ଭୁଲିଆ ମେହେର ସମାଜ କେନ୍ଦ୍ରୀୟ ବୋର୍ଡ ଆନୁକୁଲ୍ୟରେ ମେହେର ସମାଜର ଧର୍ମଶାଳା ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଜୟନ୍ତି ଉତ୍ସବ ପାଳନ କରାଯାଇଥିଲା । ଉକ୍ତ ସାରସ୍ୱତ ଭବ୍ୟ ଜୟନ୍ତି ଉତ୍ସବରେ ବୋର୍ଡର ସଭାପତି ଡ. ଲମ୍ବୋଦର ମେହେର, କାର୍ଯ୍ୟକାରୀ ସଭାପତି ନିମାଇ ଚରଣ ମେହେର, ଉପଦେଷ୍ଟା ଅମର ସିଂ ମେହେର, ସଂପାଦକ ବାସୁଦେବ ମେହେର, ସହ-ସଂପାଦକ ନବୀନ କୁମାର ମେହେର, ଶଶାଙ୍କ ଶେଖର ମେହେର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ପୂର୍ଣ୍ଣଚନ୍ଦ୍ର ମେହେର, ମକରଧ୍ୱଜ ମେହେର, ଦୁଷ୍ମନ୍ତ ମେହେର, ସୂର୍ଯ୍ୟମଣି ମେହେର, ଲକ୍ଷ୍ମୀ ମେହେର, ମନମୋହନ ମେହେର, ରମାକାନ୍ତ ମେହେର, ଆହ୍ଲାଦିନୀ ମେହେର, ତପ ମେହେର ତଥା ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଉକ୍ତ ଉତ୍ସବରେ ଗଙ୍ଗାଧରଙ୍କ କାବ୍ୟରୁ କେତେକ ପଦ ସମବେତ କଣ୍ଠରେ ଗାନ କରାଯାଇଥିଲା ଏବଂ ଗଙ୍ଗାଧରଙ୍କ ଜିବନୀ ଓ ସାହିତ୍ୟକୃତି ବିଷୟରେ ଆଲୋଚନା କରାଯାଇଥିଲା । ସଭା ଶେଷରେ ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସନ୍ତା ୫ରୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ

**ଭୁବନେଶ୍ୱର, ୨୮।୮ (ନି.ପ୍ର) :** ସୃଜନ—ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହଯୋଗରେ, ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆସନ୍ତା ୫ରୁ ୯ ସେପ୍ଟେମ୍ବର ୨୦୨୬, ପ୍ରତ୍ୟେକ ସନ୍ଧ୍ୟା ୭ଟାରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜନ କରିବାକୁ ଯାଉଛି । ବିଶେଷ ଉଲ୍ଲେଖଯୋଗ୍ୟ ଯେ, ଏହି ୩୨ତମ ଜିକେସିଏମ୍ ପୁରସ୍କାର ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ ବର୍ଷ ଅବସରରେ ଆୟୋଜିତ ହେଉଥିବାରୁ ଚଳିତ ସଂସ୍କରଣ ଏକ ସ୍ୱତନ୍ତ୍ର ସ୍ମାରକୀ ମହତ୍ତ୍ୱ ବହନ କରୁଛି । ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାସମ୍ପନ୍ନ ବାର୍ଷିକ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ ଏହି ପାଞ୍ଚଦିନିଆ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଚିରନ୍ତନ ଐତିହ୍ୟକୁ ସମ୍ମାନ ଜଣାଇବା ସହ ଭାରତର ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ନାଟକ ଓ ସିନେମା କ୍ଷେତ୍ରର କେତେକ ଶ୍ରେଷ୍ଠ କଳାସାଧକଙ୍କୁ ଏକତ୍ରିତ କରିବ । ବିଶିଷ୍ଟ ଗୁରୁ ତଥା କଳାକାର ଗୁରୁ ରତିକାନ୍ତ ମହାପାତ୍ର, ନିର୍ଦ୍ଦେଶକ, ସୃଜନ ଏବଂ ଡିନ୍, ଫ୍ୟାକଲ୍ଟି ଅଫ୍ ଆର୍ଟସ୍, କମ୍ୟୁନିକେସନ୍ ଆଣ୍ଡ ଇଣ୍ଡିକ୍ ଷ୍ଟଡିଜ୍ (ଋଇଉଓ୫), ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଙ୍କ ସକ୍ଷମ ମାର୍ଗଦର୍ଶନରେ ଏହି ଉତ୍ସବ ସୁଚିନ୍ତିତ ଭାବେ ପରିକଳ୍ପିତ ଓ ସଂଯୋଜିତ ହୋଇଆସୁଛି । ତାଙ୍କ କଳାତ୍ମକ ଦୃଷ୍ଟିକୋଣ ବିଗତ ୩୧ ବର୍ଷ ଧରି ଉତ୍ସବର ଉତ୍କର୍ଷ, ପରମ୍ପରା ଓ ନବସୃଜନ ପ୍ରତି ଅଙ୍ଗୀକାରକୁ ଅକ୍ଷୁଣ୍ଣ ରଖିଆସିଛି । ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୬ ଭାରତର ବିବିଧ ସାଂସ୍କୃତିକ ପରିମଣ୍ଡଳର ଚାରିଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯିବ । ୧,୦୦,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଏହି ସମ୍ମାନ ଚଳିତ ବର୍ଷ ବରିଷ୍ଠ କଳାକାର ଶ୍ରୀମତୀ ଶରନ୍ ଲୋୱେନ୍ (ଓଡ଼ିଶୀ ନୃତ୍ୟ), ଶ୍ରୀ କେଶବ ଚନ୍ଦ୍ର ରାଉତ (ଓଡ଼ିଶୀ ସଙ୍ଗୀତ), ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ (ନାଟକ) ଏବଂ ଶ୍ରୀମତୀ ମହାଶ୍ୱେତା ରାୟ (ସିନେମା)ଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ଓ ନିଜ ନିଜ କ୍ଷେତ୍ରରେ ଅସାମାନ୍ୟ ଅବଦାନ ପାଇଁ ପ୍ରଦାନ କରାଯିବ । ପ୍ରତିଷ୍ଠାର ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା, ୪୦ରୁ ୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରଙ୍କ ପାଇଁ ପ୍ରବର୍ତ୍ତିତ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୬ରେ ଶ୍ରୀ ଅଗ୍ନିମିତ୍ର ବେହେରା (ଯନ୍ତ୍ର ସଙ୍ଗୀତ — ବେହେଲା) ଏବଂ ସୁଶ୍ରୀ ନାଜିଆ ଆଲମ୍ (କଣ୍ଠ ସଙ୍ଗୀତ)ଙ୍କୁ ପ୍ରତ୍ୟେକ ?୫୦,୦୦୦ ଓ ମାନପତ୍ର ପ୍ରଦାନ କରାଯିବ । ସେହିପରି ?୨୫,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ଚାରିଜଣ ପ୍ରତିଭାବାନ ଯୁବ କଳାକାର— ସୁଶ୍ରୀ ବୃନ୍ଦା ଚଢ଼ା ଓ ସୁଶ୍ରୀ ଐଶ୍ୱର୍ଯ୍ୟା ସିଂହଦେବ (ଓଡ଼ିଶୀ ନୃତ୍ୟ), ସୁଶ୍ରୀ ନିକିତା ବନାୱାଲିକର (କଥକ) ଏବଂ ଶ୍ରୀ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ




ସଙ୍ଗୀତ—ମର୍ଦ୍ଦଳ)ଙ୍କୁ ପ୍ରଦାନ କରାଯିବ । ୫ ସେପ୍ଟେମ୍ବରରେ ବିଦୁଷୀ ଶୁଭା ମୁଦ୍ଗଲଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ ସହ ଉତ୍ସବର ଶୁଭାରମ୍ଭ ହେବ । ତାଙ୍କୁ ତବଲାରେ ଡ. ଅନୀଶ ପ୍ରଧାନ ଏବଂ ହାରମୋନିୟମ୍ ?ରେ ଶ୍ରୀ ସୁଧୀର ନାୟକ ସହଯୋଗ କରିବେ । ୬ ସେପ୍ଟେମ୍ବରରେ ବିଶିଷ୍ଟ ସରୋଦ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାର ସରୋଦ ବାଦନ ପରିବେଷଣ କରିବେ ଏବଂ ତାଙ୍କୁ ତବଲାରେ ଶ୍ରୀ ସତ୍ୟଜିତ ତଲୱାଲକର ସହଯୋଗ କରିବେ । ଏହାପରେ ଶ୍ରୀମତୀ ଲିପ୍ସା ଶତପଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ । ୭ ସେପ୍ଟେମ୍ବର ସନ୍ଧ୍ୟାରେ ଚିଦାକାଶ କଳାଳୟ ସେଣ୍ଟର ପକ୍ଷରୁ ମାର୍ଗନାଟ୍ୟ ଆଧାରିତ ନୃତ୍ୟାଭିନୟ "ସୌଗନ୍ଧିକା ହରଣମ୍" ପରିବେଷିତ ହେବ । ଏହାର ନୃତ୍ୟ ସଂରଚନା ଡ. ପିୟାଲ ଭଟ୍ଟାଚାର୍ଯ୍ୟ ଏବଂ ସଙ୍ଗୀତ ଶ୍ରୀ ସାୟକ ମିତ୍ରଙ୍କର । ୮ ସେପ୍ଟେମ୍ବରରେ ପ୍ରସିଦ୍ଧ ଭରତନାଟ୍ୟମ୍ ନୃତ୍ୟଶିଳ୍ପୀ ଡ. ଜାନକୀ ରଙ୍ଗରାଜନ ନୃତ୍ୟ ପରିବେଷଣ କରିବେ । ଏହାପରେ ଶ୍ରୀ ଅଭିରାମ ନନ୍ଦ ଓ ଶ୍ରୀ ଶ୍ରୀନିବାସ ଶତପଥୀଙ୍କ ବଂଶୀ ଯୁଗଳବନ୍ଦୀ ଅନୁଷ୍ଠିତ ହେବ ଏବଂ ତବଲାରେ ଶ୍ରୀ ଯଶୱନ୍ତ ବୈଷ୍ଣବ ସହଯୋଗ କରିବେ । ୯ ସେପ୍ଟମ୍ବରରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ସମାରୋହ ୨୦୨୬ ସହିତ ଉତ୍ସବ ଉଦ୍ ?ଯାପିତ ହେବ । ଏହାପରେ ବହୁ ପ୍ରତୀକ୍ଷିତ ତଥା ଚିତ୍ତାକର୍ଷକ ସମାପନୀ ପ୍ରସ୍ତୁତି ପରିବେଷଣ କରିବ ସୃଜନ ଏନ୍ ?ସେମ୍ବଲ୍ । ପ୍ରଖ୍ୟାତ ଓଡ଼ିଆ କବି ରାଧାମୋହନ ଗଡ଼ନାୟକଙ୍କ ଭାବୋଦ୍ଦୀପକ କବିତାରୁ ପ୍ରେରିତ "ମାଟି"କୁ ସୃଜନ ଏନ୍ସେମ୍ବଲ୍ ପରିବେଷଣ କରିବ । ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ରଚନା ଏବଂ ସ୍ୱର୍ଗତ ଜୟଦେବ ଦାସଙ୍କ ନାଟ୍ୟରୂପାନ୍ତରରେ ପ୍ରସ୍ତୁତ "ମାଟି" ସୃଜନଶୀଳ ନୂତନତ୍ୱକୁ ଆପଣାଇବା ସହ ପାରମ୍ପରିକ ଓଡ଼ିଶୀ ନୃତ୍ୟ ସଂରଚନାର ସ୍ୱତନ୍ତ୍ର ଚରିତ୍ର ଓ ଭାଷାକୁ ଅକ୍ଷୁଣ୍ଣ ରଖିଛି । ଅନନ୍ୟ ଦୃଶ୍ୟାତ୍ମକ ଅଳଙ୍କରଣ ଓ କଳ୍ପନାଶୀଳ ନୃତ୍ୟ ସଂରଚନାରେ ସମୃଦ୍ଧ ଏହି ପ୍ରଯୋଜନା ଦର୍ଶକଙ୍କ ପାଇଁ ଏକ ମନୋମୁଗ୍ଧକର ନାନ୍ଦନିକ ଅନୁଭୂତି ସୃଷ୍ଟି କରିବାକୁ ପ୍ରୟାସ କରେ ।

# ପଲସରର ୨୫ ବର୍ଷ ପୂର୍ତ୍ତି ଅବସରରେ ବଜାଜ ଅଟୋ ନେଇଆସିଛି ଅଲ-ନ୍ୟୁ ପଲସର ୧୫୦ ଏବଂ ପଲସର ୧୨୫

**ପୁଣେ, ୨୮।୮ (ନି.ପ୍ର):** ବିଶ୍ୱର ଅଗ୍ରଣୀ ଦୁଇ-ଚକିଆ ଏବଂ ତିନି-ଚକିଆ ଯାନ ନିର୍ମାତା ବଜାଜ ଅଟୋ ଲିମିଟେଡ ଆଜି ନୂତନ ପଲସର ୧୫୦ ଏବଂ ପଲସର ୧୨୫ର ଶୁଭାରମ୍ଭ କରିଛି । ଭାରତର ଦୁଇଟି ପ୍ରସିଦ୍ଧ ସ୍ପୋର୍ଟସ ବାଇକକୁ ନୂଆ ଫିଚର ଓ ଟେକ୍ନୋଲୋଜି ସହ ଅପଗ୍ରେଡ କରାଯାଇଥିବା ବେଳେ ପଲସର ବ୍ରାଣ୍ଡର ମୂଳ ସ୍ୱରୂପକୁ ଅପରିବର୍ତ୍ତିତ ରଖାଯାଇଛି ।

୨୦୦୧ ମସିହାରେ ଲଞ୍ଚ ହେବା ପରଠାରୁ ପଲସର ଗତ ୨୫ ବର୍ଷ ଧରି ଭାରତୀୟ ମୋଟରସାଇକେଲିଂ ଜଗତକୁ ନୂତନ ଦିଗଦର୍ଶନ ଦେବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି ଏବଂ ନିଜକୁ ଦେଶର ସବୁଠାରୁ ଲୋକପ୍ରିୟ ସ୍ପୋର୍ଟସ ବାଇକ ବ୍ରାଣ୍ଡ ଭାବରେ ଗଢ଼ି ତୋଳିଛି । ଯେଉଁ ସମୟରେ ମୋଟରସାଇକେଲ କହିଲେ କେବଳ ନିତ୍ୟଦିନ ଯାତାୟାତର ମାଧ୍ୟମକୁ ବୁଝାଉଥିଲା, ସେତେବେଳେ ପଲସର ଭାରତୀୟ ମୋଟରସାଇକେଲିଂ କ୍ଷେତ୍ରକୁ ଉଚ୍ଚ କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଏବଂ ଏକ ଅନନ୍ୟ ଶୈଳୀ ପ୍ରଦାନ କରିଥିଲା । ସମୟ ସହିତ ତାଳ ଦେଇ ଏହି ବ୍ରାଣ୍ଡ ଆହୁରି ଆଗକୁ ବଢ଼ିଛି ଏବଂ ପ୍ରତ୍ୟେକ ପିଢ଼ିର ରାଇଡରମାନଙ୍କୁ ଆଧୁନିକ ଟେକ୍ନୋଲୋଜି ଓ ପରଫର୍ମାନ୍ସର ରୋମାଞ୍ଚକର ଅନୁଭୂତି ପ୍ରଦାନ କରିଛି । ୪୦ରୁ ଅଧିକ ଦେଶରେ ୨୦ ମିଲିୟନରୁ ଅଧିକ ଗାଡ଼ି ବିକ୍ରି କରି ଏହି ବ୍ରାଣ୍ଡ ପରଫର୍ମାନ୍ସ ମୋଟରସାଇକେଲିଂ କ୍ଷେତ୍ରରେ ଭାରତର ସୀମା ପାର କରି ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛି । ଏହି ସଫଳତା ପଛରେ ରହିଛି ମୂଳ ପଲସର ୧୫୦ର ସେହି ପୁରୁଣା ବୈଶିଷ୍ଟ୍ୟ – ଆକର୍ଷଣୀୟ ଶରୀର ଗଠନ, ମସ୍କୁଲାର ଟ୍ୟାଙ୍କ, ସିଗ୍ନେଚର ସାଉଣ୍ଡ, ଅତୁଳନୀୟ ରୋଡ ପ୍ରେଜେନ୍ସ ଏବଂ ଅପ୍ରତିଦ୍ୱନ୍ଦ୍ୱୀ ପିକ-ଅପ । ସେହି ୧୦-ସେକେଣ୍ଡର ତ୍ୱରଣ, ପାୱାର ଓ ରୋମାଞ୍ଚକର ତଥା ସାହସୀ ସ୍ୱଭାବ ପିଢ଼ି ପରେ ପିଢ଼ି ପଲସରର ଯାତ୍ରା ଅନୁଭୂତିକୁ ସଂଜ୍ଞାୟିତ କରିଛି । ନୂଆ ପଲସର ୧୫୦ ଓ ୧୨୫ରେ ଏହି ସବୁ ଗୁଣ ପୂର୍ବପରି କାୟମ ଥିବା ବେଳେ ଏହାର ଇଞ୍ଜିନିୟରିଂ, ଟେକ୍ନୋଲୋଜି, ଡିଜାଇନ ଓ ଫିଚରଗୁଡ଼ିକୁ ଆହୁରି ବିକଶିତ କରାଯାଇଛି । ନୂତନ ପଲସର ୧୫୦ ଏବଂ ୧୨୫ର ପ୍ରମୁଖ ଆକର୍ଷଣ:

ଅଲ-ନ୍ୟୁ ଇଞ୍ଜିନ ଏବଂ ଗିୟରବକ୍ସ

ଘର୍ଷଣ ହ୍ରାସ, ଇଞ୍ଜିନ ଆୟୁଷ ବୃଦ୍ଧି ଏବଂ ଉନ୍ନତ NVH ପାଇଁ ପ୍ରଥମ ଥର ପାଇଁ PVD ପିଷ୍ଟନ ରିଙ୍ଗ ସହିତ



ପଲସରର ସିଗ୍ନେଚର ଥ୍ରିଲ । ପଲସର ୧୫୦: ୧୪୯.୫ମମ ଇଞ୍ଜିନ । ପାୱାର -୧୪ PS@8500 rpm | ଟର୍କ - ୧୩.୭ Nm @6500 rpm ପଲସର ୧୨୫: ବଜାରରେ ସବୁଠାରୁ ଶକ୍ତିଶାଳୀ ୧୨୫ମମ ମୋଟରସାଇକେଲ | 124.58cc ଇଞ୍ଜିନ । ପାୱାର - ୧୨ PS@8000 rpm| UKð - 11 Nm @6000 rpm

ଉନ୍ନତ ପାୱାର-ଟୁ-ୱେଟ ଅନୁପାତ: ଦ୍ରୁତ ୦–୬୦ km/h ଆସିଲେରେସନ ପ୍ରଦାନ କରେ ।

ନୂତନ ଗିୟରବକ୍ସ: କମ ସ୍ପିଡରେ ଭଲ ପରଫର୍ମାନ୍ସ ପାଇଁ ନିମ୍ନ ଗିୟରଗୁଡ଼ିକରେ ଉନ୍ନତ ଟ୍ରାକ୍ଟିଭ ଏଫର୍ଟ ଅଲ-ନ୍ୟୁ ଫ୍ରେମ

ଭଲ ହ୍ୟାଣ୍ଡଲିଂ ପାଇଁ ଅଧିକ ମଜବୁତ ଥିବା ନୂତନ ଡାଇମଣ୍ଡ-ଟାଇପ ଫ୍ରେମ, ଇଞ୍ଜିନ ଏକ ଷ୍ଟିଫନେସ ମେମ୍ବର ଭାବରେ କାର୍ଯ୍ୟ କରେ, ଯାହା ସମଗ୍ର ରାଇଡ ଏବଂ ଷ୍ଟାବିଲିଟିକୁ ଉନ୍ନତ କରିଥାଏ ।

ଅଲ-ନ୍ୟୁ ମୋନୋଶକ ସସପେନ୍ସ, ନାଇଟ୍ରୋଜେନ ଗ୍ୟାସ ଦ୍ୱାରା ଚାର୍ଜ ହୋଇଥିବା ଇମଲସନ ଟାଇପ ମୋନୋଶକ,ସ୍ପୋର୍ଟି ହ୍ୟାଣ୍ଡଲିଂ, ସୁପିରିୟର ଷ୍ଟ୍ରେଟ-ଲାଇନ ଷ୍ଟାବିଲିଟି ଏବଂ କର୍ନରିଂ କମ୍ପୋଜର, ଅଲ-ନ୍ୟୁ ୫-ଇଞ୍ଚ TFT କନସୋଲ, ଗୁଗଲ ମ୍ୟାପ୍ସ ମିରରିଂ ଏବଂ ସହଜ ନାଭିଗେସନ ସହିତ TFT କନସୋଲ, TFT କନସୋଲରେ ଗାଡ଼ିର ଜଉ, ଇନସ୍ୟୁରାନ୍ସ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ ଗଚ୍ଛିତ ରଖନ୍ତୁ । ସହଜ ମ୍ୟୁଜିକ କଣ୍ଟ୍ରୋଲ୍ ସହିତ ଲାଇଭ କଲ ଏବଂ ମେସେଜ ଆଲର୍ଟ

ଅଧିକ ଦୈନନ୍ଦିନ ସୁବିଧା ପାଇଁ କନେକ୍ଟେଡ ଟେକ୍ନୋଲୋଜି ରାଇଡ ମୋଡ୍ସ ଏବଂ କ୍ରୁଜ ଟେକ ସେଗମେଣ୍ଟ-ଫାଷ୍ଟ ୩ଟି ରାଇଡ ମୋଡ – ରୋଡ, ରେନ ଏବଂ ସ୍ପ ?ର୍ଟ

କ୍ରୁଜ ଟେକ: କମ ସ୍ପିଡ ଟ୍ରାଫିକରେ ଅଧିକ ନିୟନ୍ତ୍ରଣ ଏବଂ ସୁବିଧା

ଉନ୍ନତ ଆଡାପ୍ଟାବିଲିଟି: ବିଭିନ୍ନ ରାଇଡିଂ ପରିସ୍ଥିତିରେ ଅଧିକ ନିୟନ୍ତ୍ରଣ

ଅଲ-ନ୍ୟୁ ଖରଉ ହେଡଲ୍ୟାମ୍ପ

ରିଡିଜାଇନ୍ଡ ଓ୍ୱିଲ୍ସ-ଆଇ ହେଡଲ୍ୟାମ୍ପ: ବଡ଼ ଅପ୍ଟିକ୍ସ ସହିତ ଅଧିକ ଶାର୍ପ ପ୍ରେଡେଟର ଗେଜ, ପଲସର ୧୫୦ ଟପ ଭାରିଆଣ୍ଟ: ନିଜ ଶ୍ରେଣୀରେ ସର୍ବୋତ୍ତମ ଆଲୋକ ପ୍ରସାର, ବ୍ୟାପ୍ତି ଏବଂ ତୀବ୍ରତା । ଅଲ-ନ୍ୟୁ ISG ପଲସର ୧୫୦ ଏବଂ ପଲସର ୧୨୫ର ଟପ ତିନୋଟି ଭାରିଆଣ୍ଟ ଉପଲବ୍ଧ, ଅଟୋମେଟିକ ଷ୍ଟାର୍ଟ-ଷ୍ଟପ ମାଇଲେଜ ବୃଦ୍ଧି କରିବାରେ ସାହାଯ୍ୟ କରେ, ଏକ ସ୍ମୁଥ ଏବଂ ଅଧିକ ରିଫାଇନ୍ଡ ରାଇଡିଂ ଅନୁଭବ ପାଇଁ ଯାନ୍ତ୍ରିକ ଜଟିଳତାକୁ ହ୍ରାସ କରାଯାଇଛି ।

ବଜାର ପ୍ରବେଶ ଅବସରରେ ବଜାଜ ଅଟୋ ଲିମିଟେଡର ଟୁ-ହ୍ୱିଲର ବିଜନେସ ୟୁନିଟର ଚିଫ ବିଜନେସ ଅଫିସର ସାରଙ୍ଗ କାନାଡେ କହିଛନ୍ତି, "ଗତ ୨୫ ବର୍ଷରୁ ଅଧିକ ସମୟ ମଧ୍ୟରେ ପଲସର କେବଳ ଗୋଟିଏ ବାଇକ ହୋଇ ରହିନାହିଁ ।

# ବଜାଜ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ 'ମାଇଁ ଫ୍ୟାମିଲି କମ୍ପ୍ଲିଟ୍' ପଲିସିର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୮ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ ଆଲିଆ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି 'ମାଇଁ ଫ୍ୟାମିଲି କମ୍ପ୍ଲିଟ୍'ର ଶୁଭାରମ୍ଭ ଘୋଷଣା କରିଛି । ଏହା ଏକ ଅଭିନବ ହେଲ୍ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ, ଯାହା ପରିବାରର ପରିଭାଷାକୁ ବିସ୍ତାର କରି ପୋଷା କୁକୁର ଏବଂ ବିଲେଇ ମାନଙ୍କୁ ଅନ୍ତର୍ଭୁକ୍ତ କରୁଛି । ଏହି ପ୍ରଥମ ପ୍ରକାରର ପ୍ଲାନ୍ ମଣିଷ ପରିବାର ସଦସ୍ୟ ଏବଂ ପୋଷାଜୀବଙ୍କ ପାଇଁ ପୃଥକ୍ ଭାବରେ ପଲିସି ନେବାର ଆବଶ୍ୟକତାକୁ ଦୂର କରି ପୃଥକ୍ ଭାବେ ସୁରକ୍ଷା ପ୍ରଦାନ ମଧ୍ୟରେ ଥିବା ଅଭାବକୁ ପୂରଣ କରୁଛି । ଏହା ଗୋଟିଏ ସମନ୍ୱିତ ପ୍ଲାନ୍ ଜରିଆରେ ପୋଷାଜୀବଙ୍କୁ ବୀମାଭୁକ୍ତ ପରିବାର ସଦସ୍ୟ ଭାବେ ବିବେଚନା କରି, ଗୋଟିଏ ହେଲ୍ଥ ପ୍ରୋଟେକ୍ସନ୍ ଫ୍ରେମୱାର୍କ ଅଧୀନରେ ସମସ୍ତଙ୍କ ପାଇଁ ସମାନ କଭରେଜ୍ କୁ ସୁନିଶ୍ଚିତ କରୁଛି । ଏହି ପ୍ଲାନ୍ ଇନଡେମନିଟି ଏବଂ ଲାଭ-ଆଧାରିତ ପେଆଉଟ୍ର ସନ୍ତୁଳିତ ମିଶ୍ରଣ ସହିତ ୫ ବର୍ଷ ପର୍ଯ୍ୟନ୍ତ ଫ୍ଲେକ୍ସିବଲ୍ ଅବଧି ସହିତ ଟଙ୍କା ୫ ଲକ୍ଷରୁ ଟଙ୍କା ୫ କୋଟି ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ବିକଳ୍ପ ପ୍ରଦାନ କରିଥାଏ । ମାଇଁ ଫ୍ୟାମିଲି କମ୍ପ୍ଲିଟ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ ପରିକଳ୍ପିତ, ଯେଉଁଥିରେ ୧୮ ବର୍ଷରୁ ଆରମ୍ଭ କରି ବୟସ୍କ, ୩ ମାସରୁ ୩୦ ବର୍ଷ ପର୍ଯ୍ୟ' ନିର୍ଭରଶୀଳ ସନ୍ତାନ ଏବଂ ୩ ମାସ ବୟସରୁ ପୋଷା କୁକୁର କିମ୍ବା ବିଲେଇଗୁଡ଼ିକୁ ସର୍ବାଧିକ ବୟସର କୌଣସି ସୀମା ବିନା ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ଲାନ୍ ଇନ୍ ପେସେଂଟ ହସ୍ପିଟାଲାଇଜେସନ୍, ରୁମ୍ ରେଂଟ, ରୋଡ୍ ଏବଂ ପେଟ୍ ଆମ୍ବୁଲାନ୍ସ ସର୍ଭିସ୍, ପ୍ରି ଏବଂ ପୋଷ୍ଟ ହସ୍ପିଟାଲାଇଜେସନ୍ ଖର୍ଚ୍ଚ, ଘରୋଇ ଯତ୍ନ, ଆଧୁନିକ ଚିକିତ୍ସା ପଦ୍ଧତି, ଆୟୁଷ ହସ୍ପିଟାଲାଇଜେସନ୍ (ମଣିଷମାନଙ୍କ ପାଇଁ), ଅର୍ଗାନ୍ ଡୋନର୍ ଖର୍ଚ୍ଚ ଏବଂ ଫ୍ୟାମିଲି ଭିଜିଟ୍ ରିଇମ୍ବର୍ସମେଂଟ ରେ କଭରେଜ୍ ପ୍ରଦାନ କରିଥାଏ । ଗ୍ରାହକମାନେ ସମ୍ ଇନସୁଅର୍ଡ ର ଅନଲିମିଟେଡ୍ ରିଇନଷ୍ଟେଟମେଂଟ ରୁ ମଧ୍ୟ ଲାଭ ପାଇବେ, ଯାହାର ଅର୍ଥ ହେଉଛି ସେମାନଙ୍କର ହସ୍ପିଟାଲାଇଜେସନ୍ କଭର୍ ପ୍ରତ୍ୟେକ ଥର ବ୍ୟବହାର ହେବା ପରେ ରିଷ୍ଟୋର୍ କରାଯାଏ, ୧୦୦% ପର୍ଯ୍ୟନ୍ତ କ୍ୟୁମୁଲେଟିଭ୍ ବୋନସ୍, କ୍ୟାଟାରାକ୍ଟ ଟ୍ରିଟମେଂଟ କଭରେଜ୍ ଏବଂ ଫିକ୍ସଡ୍ କନଭାଲେସେନ୍ସ ବେନିଫିଟ୍, ଯେଉଁଠାରେ ଯଦି ଇନସୁଅର୍ଡ ବ୍ୟକ୍ତି କିମ୍ବା ପୋଷାଜୀବ ଦୀର୍ଘ ସମୟ ପାଇଁ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି, ତେବେ ସମ୍ ଇନସୁଅର୍ଡରେ ୧ ପ୍ରତିଶତ ରିକଭରି ବେନିଫିଟ୍ ଭାବରେ ପ୍ରଦାନ କରାଯାଏ । ଏହି ଘୋଷଣା ଅବସରରେ ବଜାଜ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡକ୍ଟର ତପନ ସିଂଘେଲ କହିଥିଲେ, 'ଆମ ଭିତରୁ ଅନେକଙ୍କ ପାଇଁ ପୋଷାଜୀବମାନେ କେବଳ ସାଥୀ ନୁହଁନ୍ତି, ସେମାନେ ହେଉଛନ୍ତି ପରିବାରର ସଦସ୍ୟ । ଆମେ ଆମ ଜୀବନରେ ସେମାନଙ୍କର ଉପସ୍ଥିତିକୁ ଉପଭୋଗ କରୁ, ସେମାନଙ୍କର ଯତ୍ନ ନେଉ, ସେମାନେ ଅସୁସ୍ଥ ହେଲେ ଚିନ୍ତା କରୁ ଏବଂ ସେମାନଙ୍କ ପାଇଁ ସର୍ବୋତମ ଚାହୁଁ, ଠିକ୍ ଯେପରି ଆମେ ପରିବାର ପାଇଁ କରିଥାଉ । ଯେତେବେଳେ ପୋଷାଜୀବମାନେ ପରିବାରର ସଦସ୍ୟ ଅଟନ୍ତି, ସେମାନେ ସୁସ୍ଥ ଏବଂ ନୀରୋଗ ରହିବା ସ୍ୱାଭାବିକ ଭାବରେ ପରିବାରର ସ୍ୱାସ୍ଥ୍ୟସେବା ଆବଶ୍ୟକତାର ଏକ ଅଂଶ ହୋଇଯାଏ ।

# ବିରାଟ ଅଜଗର ସାପ ଉଦ୍ଧାର

ରାଜଗାଙ୍ଗପୁର, ୨୮।୮ (ନି.ପ୍ର.) ପୌରପାଳିକା ଅନ୍ତର୍ଗତ ଘୋଗର ଧାମ ଯାଇଥିବା ନିକଟସ୍ଥ ଡିପାଟୋଲି ଗ୍ରାମ ର ମାନଶୁଭ ଡାଙ୍ଗ ଙ୍କ ଅର୍ଦ୍ଧ ନିର୍ମାଣ ଘର ଭିତରୁ ସକାଳେ ଘର ଛୁଆମାନେ ଏକ ବିରାଟ କାୟ ଅଜଗର ସାପ



ଶୋଇଥିବା ଅବସ୍ଥାରେ ଦେଖି ଘର ସଦସ୍ୟ ଙ୍କୁ ଅବଗତ କରାଇଥିଲେ। ଘଟଣା ସମ୍ପର୍କରେ ବଣ ବିଭାଗ ଅଧିକାରୀ ଙ୍କୁ ସୁଚନା ଦେବାପରେ ବଣ ବିଭାଗ ସୁରକ୍ଷା ବଳ ଘଟଣା ସ୍ଥଳରେ ପହଞ୍ଚି ଅଜଗର ସାପ ଟି କୁ ଅଖା ବସ୍ତାରେ ଭର୍ତ୍ତି କରି ବଣ ବିଭାଗ କାର୍ଯ୍ୟାଳୟରେ ନେଇଯାଇ ରାଜଗାଙ୍ଗପୁର କୁତ୍ରା ବଣ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳରେ ଛାଡ଼ି ଦେଇ ଥିବା ସୁଚନା ମିଳିଛି।

# ଦେବୀ ନଦୀରେ ଡେଇଁପଡ଼ିଲେ ୨୨ ବର୍ଷୀୟ ଯୁବକ

ଜଗତସିଂହପୁର, ୨୮।୮ (ନି.ପ୍ର.): ଜଗତସିଂହପୁର ଜିଲ୍ଲାରେ ଦେବୀ ନଦୀକୁ ଡେଇଁପଡ଼ି ଜଣେ ୨୨ ବର୍ଷୀୟ ଯୁବକ ନିଖୋଜ ହୋଇଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ନୌଗାଁ ଥାନା ଅନ୍ତର୍ଗତ ଶିଖରଘାଟ ଦେବୀ ନଦୀ ସେତୁରୁ ଏହି ଘଟଣା ସାମ୍ନାକୁ ଆସିଛି। ନିଖୋଜ ଯୁବକ ହେଲେ ଶୈଳେଶ ପାଢ଼ୀ (୨୨)। ସେ ତିହୁଡ଼ା ଗାଁର ଶିଖର ପାଢ଼ୀଙ୍କ ପୁଅ ବୋଲି ଜଣାପଡ଼ିଛି।ସୂଚନା ଅନୁସାରେ, ଆଜି ସକାଳେ ଶୈଳେଶ ନିଜ ସ୍କୁଟିରେ ଶିଖରଘାଟ ଦେବୀ ନଦୀ ସେତୁ ନିକଟକୁ ଆସିଥିଲେ। ପରେ ସେ ସେତୁ ଉପରେ ସ୍କୁଟି ପାର୍କ କରି ନଦୀକୁ ଡେଇଁପଡ଼ିଥିବା ସନ୍ଦେହ କରାଯାଉଛି।ଦୀର୍ଘ ସମୟ ଧରି ସେତୁ ଉପରେ ସ୍କୁଟି ଛିଡ଼ା ଥିବା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତୁରନ୍ତ ନୌଗାଁ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଦେବୀ ନଦୀରେ ବ୍ୟାପକ ଖୋଜାଖୋଜି ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଯୁବକ ଏଭଳି ଚରମ ପଦକ୍ଷେପ କାହିଁକି ନେଲେ, ତାହାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ବରିଷ୍ଠ ବିଜେପି ନେତାଙ୍କ ମାତୃ ବିୟୋଗ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ସାଂସଦ ଓ ବିଧାୟକ ଙ୍କ ଶୋକ

ଅନୁଗୋଳ : ଅନୁଗୋଳ ସହର ହେମସୁରପଡା ର ବରିଷ୍ଠ ବିଜେପି ନେତା ପୂର୍ବତନ ଜିଲ୍ଲା ସମ୍ପାଦକ ତଥା ଅନୁଗୋଳ କୋର୍ଟ ର ସରକାରୀ ଓକିଲ ସୋମନାଥ ରାଉତଙ୍କ ମାତା ସୌଦାମିନୀ ରାଉତ ଙ୍କର ଶୁକ୍ରବାର ସକାଳେ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ କିଛିଦିନ ଧରି ଚିକିତ୍ସାଧୀନ ଥିଲେ ଆଜି ଅନୁଗୋଳ ମେଡିକାଲ ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏ ଘଟଣା ପରେ ତାଙ୍କର ବାସ ଭବନ ଲୋକାରଣ୍ୟ ହୋଇ ଯାଇଥିଲା । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନ ଙ୍କ ଠାରେ ପ୍ରାର୍ଥନା କରିବା ସହ ଫୋନ ଯୋଗେ ଶୋକ ସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇଛନ୍ତି ।

ସେହିପରି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଖବର ପାଇ ସଙ୍ଗେ ସଙ୍ଗେ ତାଙ୍କ ବାସଭବନ ରେ ପହଂଚି ଶୋକ ସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଳଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର ଓ ଦିଲେଶ୍ୱର ପ୍ରଧାନ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ମାଝୀ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ଜିଲ୍ଲା ଲିଗାଲ ସେଲ ପ୍ରମୁଖ ଅର୍ଜୁନ ମୁଦୁଲି, ପ୍ରାକ୍ତନ ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ ,ଓକିଲ ସଂଘ ସଭାପତି ଦିଲ୍ଲୀପ କୁମାର ସାହୁ ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ଉପ ସଭାପତି ପ୍ରଦୀପ ପ୍ରଧାନ, ବରିଷ୍ଠ ଓକିଲ ତଥା ଉପଦେଷ୍ଟା ଭୂପେଶ ପ୍ରଧାନ ଙ୍କ ସମେତ ଶତାଧିକ ପ୍ରମୁଖ ବ୍ୟକ୍ତି ତାଙ୍କ ବାସଭବନ ରେ ପହଂଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇଥିଲେ ।ସେହିପରି ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ ଙ୍କ ସମେତ ବିଜେପି ର ସମସ୍ତ ଜିଲ୍ଲା ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି ।

# ଅନୁଗୁଳ -ପୁରୀ-ଅନୁଗୁଳ ମେମୁ ଟ୍ରେନ୍‌ର ସାମୟିକ ରହଣି

ଭୁବନେଶ୍ୱର, ୨୮।୮ (ନି.ପ୍ର.): ଆଗାମୀ ଗଣେଶ ପୂଜା ଏବଂ ବିଶ୍ୱକର୍ମା ପୂଜା ଅବସରରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଅନୁଗୁଳ–ପୁରୀ–ଅନୁଗୁଳ ମେମୁ ଟ୍ରେନ୍‌ର ଜାନକାଦେଇପୁର ପିଏଚ୍ ଠାରେ ୨୮ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସାମୟିକ ରହଣି ବ୍ୟବସ୍ଥା କରାଯାଇଛି। ଏହି ଅନୁଯାୟୀ, ଟ୍ରେନ୍ ନମ୍ବର ୬୮୪୨୧ ଅନୁଗୁଳ–ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୨୨ ପୁରୀ–ଅନୁଗୁଳ ମେମୁ ଉକ୍ତ ଅବଧି ମଧ୍ୟରେ ଜାନକାଦେଇପୁର ପିଏଚ୍‌ରେ ସାମୟିକ ଭାବେ ରହଣି କରିବ, ଯାହା ଫଳରେ ଏହି ଅଞ୍ଚଳକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅଧିକ ସୁବିଧା ପାଇପାରିବେ।ଆଗାମୀ ପାର୍ବଣ ଅବସରରେ ଯାତ୍ରୀ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ସାମୟିକ ରହଣି ବ୍ୟବସ୍ଥା କରାଯାଇଛି।ଟ୍ରେନ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ ଯାଞ୍ଚ କରିପାରିବେ।

# ଥାନାରେ ବିଭିନ୍ନ ସଂଗଠନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ରକ୍ଷା ବନ୍ଧନ ଉତ୍ସବ ପାଳିତ

ରାଜଗାଙ୍ଗପୁର, ୨୮।୮: ରାଜଗାଙ୍ଗପୁର ଶାଖା ବ୍ରହ୍ମା କୁମାରୀ ଏକଲ ଅଭିଯାନ ଓ ଡିଭିଏମ ଏନସିସି କେଡର ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଥାନା ପରିସରରେ ପବିତ୍ର ଭାଇ ଭଉଣୀ ଙ୍କ ସ୍ନେହ ପ୍ରେମ ଓ ସୁରକ୍ଷା ର ପ୍ରତିକ



ରକ୍ଷା ବନ୍ଧନ ଉତ୍ସବର ପାଳିତ ଅବସରରେ ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କୁ ତାଙ୍କର ପ୍ରକୋଷ୍ଠ ରେ ଭେଟ କରି ରାକ୍ଷୀ ପୂର୍ଣ୍ଣିମା ଶୁଭେଚ୍ଛା ଅଭିନନ୍ଦନ ଜଣାଇ ସୁରକ୍ଷା ଡୋରି ରାକ୍ଷୀ ପିନ୍ଧାଇ ମିଷ୍ଟାନ୍ନ ପ୍ରଦାନ କରିବା ସହ ତାଙ୍କର ସଫଳ ଯାତ୍ରା ଓ ଦୀର୍ଘାୟୁ କାମନା କରିଥିଲେ।କାର୍ଯ୍ୟକ୍ରମ ରେ ଥାନା ରେ କାର୍ଯ୍ୟରତ ସମସ୍ତ ପୋଲିସ ସୁରକ୍ଷା ବଳ କର୍ମଚାରୀ ମହିଳା ଏସ ଆଇ ଙ୍କୁ ଅନୁରୂପ ଭାବେ ରାକ୍ଷୀ ପିନ୍ଧାଇ ଥିଲେ। ଥାନା ରେ କାର୍ଯ୍ୟରତ ପୋଲିସ ଅଧିକାରୀ ସୁରକ୍ଷା ବଳ ନୀରଜ ଜନ୍ମମାଟି ଘର ଦ୍ୱାରା ପରିବାର ଲୋକଙ୍କୁ ଛାଡି ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳର ଜନସାଧାରଣ ଙ୍କ ଧନ ଜୀବନ ସୁରକ୍ଷା ଆଇନ କାନୁନ ବଜାଇ ରଖିବା ତଥା ନିଜ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବା ଓ ଛୋଟ ବଡ଼ ଭୋଉଣି ଙ୍କ ଉପସ୍ଥିତି କୁ ଦୁର କରିବା ଉଦ୍ଦେଶ୍ୟରେ ଉକ୍ତ ରକ୍ଷା ବନ୍ଧନ ପାଳନ କରୁଥିବା ସୁଚନା ଦେଇଥିଲେ। ରକ୍ଷା ବନ୍ଧନ ଉତ୍ସବ ଯୋଗୁଁ ଥାନା ପରିସରରେ ପ୍ରମ ଓ ସ୍ନେହ ର ସୁନ୍ଦର ବାତାବରଣ ସୃଷ୍ଟି ହୋଇଥିଲା।

# ପୋଲିସ ପକ୍ଷରୁ ୧୫ ଦୁଇ ଚକିଆ ଗାଡି ଜବତ



ରାଜଗାଙ୍ଗପୁର, ୨୮।୮: ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଓ ମୁଖ୍ୟ ରାସ୍ତା ରେ ଚଢ଼ାଉ କରି ବେ ଆଇନ ଶଦ୍ଦ ପ୍ରଦ୍ୟୁଷଣ କରୁଥିବା ଦୁଇ ଚକିଆ ବିଭିନ୍ନ କଂପାନୀ ର ଗାଡ଼ି ଧରପକଡ କରାଯାଇ ଗାଡ଼ି ମାଳିକ ଙ୍କ ଠାରୁ ପ୍ରାୟ ୨ ଲକ୍ଷ୍ୟ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଆଜି ଥାନା ପରିସରରେ ଥାନା ଅଧିକାରୀ ବିଜୟ କିଶୋର ଦାଶ ସୁଚନା ଦେଇଥିଲେ ଉକ୍ତ ଖବର ରାଜଗାଙ୍ଗପୁର ଓ ଆଖପାଖ ଅଞ୍ଚଳର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ୧୭ତମ ବିଶାଳ ଭଣ୍ଡାରା ଉଦ୍‌ଯାପିତ ବାବା ବର୍ଫାନୀ ସେବା ମଣ୍ଡଳ ବଲାଙ୍ଗିର

ବଲାଙ୍ଗିର, ୨୮/୮ - ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଖେଳ ପଡିଆ ଠାରେ ବାବା ବର୍ଫାନୀ ସେବା ମଣ୍ଡଳ ବଲାଙ୍ଗିର ତରଫରୁ କାଉଡିଆ ଙ୍କ ସେବାରେ ୧୭ତମ ବିଶାଳ ଭଣ୍ଡାରା ଅନୁଷ୍ଠିତ



ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଓଡିଶାର ପ୍ରମୁଖ ତିର୍ଥ କ୍ଷେତ୍ର ହରିଶଙ୍କର ଝରଣାରୁ ପବିତ୍ର ଜଳ ନେଇ ବଲାଙ୍ଗିର ଅଭିମୁଖେ ହଜାର ହଜାର କାଉଡିଆ ପ୍ରାୟ ୮୫ କିଲୋମିଟର ପାଦରେ ଚାଲି ଚାଲି ବିଭିନ୍ନ ଶିବାଳୟରେ ଜଳ ଅର୍ପଣ ନିମନ୍ତେ ଆସିଥାନ୍ତି । ଆସ୍ଥା ବିଶ୍ୱାସ ର ପ୍ରତୀକ ମହାଦେବ ଙ୍କ ପ୍ରତି ନିଷ୍ଠା ଓ ଶ୍ରଦ୍ଧାର ସହ ଉପବାସ ରହି ଚାଲିଥାନ୍ତି କାଉଡିଆ। ତାଙ୍କର କିଛି କଷ୍ଟ ଲାଘବ କରିବା ନିମନ୍ତେ ବିଶାଳ ଭଣ୍ଡାରା ଆୟୋଜିତ ହୋଇଥାଏ । ଏହି ସମୟରେ କାଉଡିଆଙ୍କୁ ପାନୀୟ ଜଳ, ଜଳଖିଆ ସହିତ ଅନ୍ନପ୍ରସାଦ ସହ ବହୁ ପ୍ରକାରର ମିଷ୍ଟାନ୍ନ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇଥିଲା । ଏ ବର୍ଷ ପ୍ରାୟ ୨୫ହଜାର ରୁ ଉର୍ଦ୍ଧ୍ୱ ଭକ୍ତ ଙ୍କୁ ସେବା ପ୍ରଦାନ କରାଯାଇଥିଲା । ଉତ୍ସାହିତ କରିବା ପାଇଁ ବଲାଙ୍ଗିର ର ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ପଂଚମ ଅନୁଷ୍ଠାନ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ସୌମେନ୍ଦ୍ର କୁମାର ପରିଛା, ଆକାଶ ମିଶ୍ର, ସୀତାରାମ ମେହେର, କମଳ କିଶୋର ଅଗ୍ରୱାଲ, ମୁନ୍ନାଲାଲ ଅଗ୍ରୱାଲ, ଭାବେଶ ପଟେଲ, ପ୍ରଶାନ୍ତ ବିଶ୍ୱାଲ, ରାହୁଲ ସାହୁ, ବିକାଶ ବନ୍‌ସଲ, ସୁରେନ୍ଦ୍ର ସିଂ, ଲୋକନାଥ ମିଶ୍ର, ସୁଭାଷ ଅଗ୍ରୱାଲ, ଦର୍ଶନ ଭମର, ସନ୍ଦିପ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ରାଜେନ୍ଦ୍ର ପରମାର, ପୁରୁଷୋ□ମ ଅଗ୍ରୱାଲ, ଦେବଦ□ ମିଶ୍ର, ଶିମାଂଚଳ ପଣ୍ଡା, ମନୋଜ କେଜ୍ରିୱାଲ, ସନ୍ଦିପ ଗୋବିନ୍ଦ ପଦ୍ମାନ, ସୁରଜ ବେହେରା, ବିନିତ ଜିନ୍ଦଲ, ଗୋପାଳ ମିଶ୍ର, ଶ୍ୟାମଲ ଅଗ୍ରୱାଲ, ମେହୁଲ ପଟେଲ, ବିକାଶ ଅଗ୍ରୱାଲ, ପ୍ରସନ୍ନ ଗିରି, ସୁରେଶ ମେହେର, ଆଶିଷ ସାହୁ, ପ୍ରଭୁଦ□ ନାଏକ, ଶିନୁ ସୁନ୍ଦର ପାଢୀ, ସୁଦାର୍ଥୀ ପଟେଲ, ସୁଶାନ୍ତ ପୁରୋହିତ, ସଂଜୟ ଚନ୍ଦନ, ନରୋ□ମ ପଟେଲ, ସୌମ୍ୟ ରଂଜନ ସାହୁ, ଜୟକୃଷ୍ଣ ମିଶ୍ର (ବାରପୁଡୁଗିଆ) ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ସହ କ୍ରୀଡ଼ା ପ୍ରଦର୍ଶନୀ ଅନୁଷ୍ଠିତ

ଅନୁଗୋଳ(ମନ୍ଥନ) : କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଗୋଳ ଇଣ୍ଡୋର ଷ୍ଟାଡିୟମ୍ ?ଠାରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ଆଜିଠାରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ କାର୍ଯ୍ୟକ୍ରମର ଉଦ୍ ?ଘାଟନୀ ଦିବସରେ ଭାରତୀୟ ହକିର ମହାନ୍ ତାରକା ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ



ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଦସ୍ୟ ଶ୍ରୀ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ବିକଶିତ ଭାରତ' ଗଠନରେ ଯୁବସମାଜ ଓ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ ସିଠ କ୍ରୀଡ଼ାବିତ୍ ?ମାନଙ୍କୁ ଉତ୍ସାହିତ କରିବା ସହ ୨୦୩୬ ଓଲିମ୍ପିକ୍ସ ପାଇଁ ଆଜିଠାରୁ ସୁଦୃଢ଼ ପ୍ରସ୍ତୁତି କରି ନିଜର ସ୍ଥାନ ପକ୍କା କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଲ୍ଲାର ହକି, ବ୍ୟାଡ୍ ?ମିଣ୍ଟନ୍ ?, ୱୁଶୁ (ଡଙ୍କସ୍ୱଷଙ୍କ) ଆଦି ବିଭିନ୍ନ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରି ନିଜ ନିଜ କ୍ରୀଡ଼ାର ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ୱୁଶୁ ଆସୋସିଏସନ୍ ?ର ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ଶ୍ରୀ ସୁଶାନ୍ତ ନାଏକ, ଅନ୍ତର୍ଜାତୀୟ ୱୁଶୁ ଖେଳାଳି ଶ୍ରୀ ବାବୁଲ ମୁଣ୍ଡା, ବ୍ୟାଡ୍ ?ମିଣ୍ଟନ୍ କୋଚ୍ ଶ୍ରୀ ବିଶ୍ୱଜିତ୍ ଦାସ, ଶ୍ରୀ ବାବୁଲ ପ୍ରସାଦ ମହାନ୍ତି, ଶ୍ରୀ ଅରୁଣ ନାଏକ, ଶ୍ରୀ ବିନୋଦ ନାଏକ ଏବଂ ଶ୍ରୀ ଚିତ୍ତରଞ୍ଜନ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମାରୋହର ଶେଷରେ 'ମେରା ଯୁବ ଭାରତ' (ଅନୁଗୋଳ)ର ଅତିରିକ୍ତ ଜିଲ୍ଲା ସଂଯୋଜକ ଶ୍ରୀ ତପନ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ଜାଲରେ ପାଟଣା ତହସିଲର କନିଷ୍ଠ ରାଜସ୍ୱ ସହାୟକ

କେନ୍ଦୁଝର : ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡିଲେ ପାଟଣା ତହସିଲର କନିଷ୍ଠ ରାଜସ୍ୱ ସହାୟକ । ଜମି ମ୍ୟୁଟେସନ୍ ଫାଇଲ୍ ଆଗକୁ ବଢ଼ାଇବା ଏବଂ ଜମି ପଟ୍ଟା ଯୋଗାଇ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଉମାଶଙ୍କର ବିଶ୍ୱାଳ । ସୂଚନା ଅନୁଯାୟୀ ଅଭିଯୋଗକାରୀ ନିଜର ଏବଂ ନିଜ ଅଂଶୀଦାରମାନଙ୍କ ନାମରେ ଜମିର ମ୍ୟୁଟେସନ୍ ପାଇଁ ଗତ ଜୁନ୍ ୩ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମାନୁସାରେ ଅନଲାଇନ ଆବେଦନ କରିଥିଲେ । ଆବେଦନର ସ୍ଥିତି ବୁଝିବା ପାଇଁ ଅଭିଯୋଗକାରୀ ତହସିଲ କାର୍ଯ୍ୟାଳୟକୁ ଯାଇଥିବା ବେଳେ, କନିଷ୍ଠ ରାଜସ୍ୱ ସହାୟକ ବି.ଏଚ୍ ଉମାଶଙ୍କର ମ୍ୟୁଟେସନ୍ ଫାଇଲ୍ ପ୍ରୋସେସ୍ କରିବା ଏବଂ ପଟ୍ଟା ପ୍ରଦାନ କରିବା ପାଇଁ ଛଅହଜାର ଟଙ୍କା ଦାବି କରିଥିଲେ । ତେବେ ଅଭିଯୋଗକାରୀ ଟଙ୍କା ଦେବାକୁ ଅନିଚ୍ଛୁକ ଥିବାରୁ ଏହି ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ।

# ଛେଣ୍ଡିପଦା ଓ ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

ଛେଣ୍ଡିପଦା, ୨୮।୮ (ନି.ପ୍ର.): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବାସୁଦେବ ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁନି କୁନି ଛାତ୍ରୀ ମାନେ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ଭଉଣୀ ଭାଇ ମଧ୍ୟରେ ଥିବା ଅନାବିଳ ସ୍ନେହ ଆଦର ପବିତ୍ର ସମ୍ପର୍କ କୁ ଆଧାର କରି ଅଧ୍ୟୟନ ରତ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେହିପରି ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳନ କରାଯାଇଥିଲା । ତେବେ ସମସ୍ତ ଛାତ୍ରୀ ମାନେ ଯଥାବିଧି ପୂଜାନୀତି ପୂର୍ବକ ପାରମ୍ପରିକ ରୀତିନୀତି ଅନୁଯାୟୀ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏଥିସହ ଜରପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, କର୍ମଚାରୀ,ଥାନା ଅଧିକାରୀ ଏବଂ କର୍ମଚାରୀ ଙ୍କ ଗ୍ରାମ ଓ ବଜାର ପରିକ୍ରମା କରି ଘରେ ଘରେ ରାକ୍ଷୀ ବାନ୍ଧିଥିଲେ । ସେହିପରି କୋଶଳା, ସାପୁଇ ସାହି,ବାଲିପଟ୍ଟା,ବରପଦା , କୋରଡ଼ା,



ବାଗ ଡିଆ,ଗଡ ମଣ୍ଡଳ , ମରାଡିରା, ବଡ କେରେଜାଙ୍ଗ ଆଦି ସ୍ଥାନରେ ଏହି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି ।

# ବୃକ୍ଷକୁ ରାକ୍ଷୀ ବାନ୍ଧି ବୃକ୍ଷର ସୁରକ୍ଷାର ପାଇଁ ସଂକଳ୍ପ ନେଲେ ବୃକ୍ଷ ପ୍ରେମୀ

ବ୍ରହ୍ମପୁର, ୨୮।୮(ମନ୍ଥନ): ସ୍ଥାନୀୟ ଗାନ୍ଧୀନଗର ମୁଖ୍ୟ ରାସ୍ତା ଠାରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ବୃକ୍ଷ ହିଁ ଜୀବନ' ଓ "ବୃକ୍ଷ ସହ ରକ୍ଷା ବନ୍ଧନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଏବଂ ସମ୍ମାନିତ ଅତିଥି ଭାବେ ବୃକ୍ଷ ପ୍ରେମୀ ସୁବାସ ଚନ୍ଦ୍ର ମହାରଣା ଯୋଗଦେଇ ବୃକ୍ଷକୁ କଣ୍ଟା ବେଦନା ଠାରୁ ମୁକ୍ତି ଦେଇ ରାକ୍ଷୀ ବାନ୍ଧିବା ସହ ଏହାର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ । ୨୦୧୮ ମସିହା ଠାରୁ ସଂଗଠନ ପକ୍ଷରୁ "ମୁଁ ବି ବଞ୍ଚିବାକୁ ଚାହେଁ" ଅଭିଯାନ ଆରମ୍ଭ ହୋଇଥିବା ବେଳେ, ଏହି ଅଧୀନରେ ରାସ୍ତା କଡ଼ର ବୃକ୍ଷ ଗୁଡ଼ିକରେ ବେଆଇନ ଭାବେ ଲଗାଯାଇଥିବା ଲୁହା କଣ୍ଟା, ଲୁହା ତାର ଓ ବିଜ୍ଞାପନ ବୋର୍ଡ ଆଦିକୁ ବାହାର କରାଯାଇଥିଲା। ବୃକ୍ଷରେ ହୋଇଥିବା କ୍ଷତ ସ୍ଥାନରେ ହଳଦୀ, ନୀମ ପତ୍ର, ଗୋବର ଓ ଧଳା ଚୂନର ପ୍ରାକୃତିକ ମିଶ୍ରଣ ପ୍ରୟୋଗ କରାଯାଇ ବୃକ୍ଷର ସୁରକ୍ଷା ପାଇଁ ପ୍ରାକୃତିକ ଉପାୟ ଅବଲମ୍ବନ କରାଯାଇଥିଲା। ସଂଗଠନ ପକ୍ଷରୁ ସବୁ ବର୍ଷ ଭଳି ଏହି ବର୍ଷ ମଧ୍ୟ ରାକ୍ଷୀ ବାନ୍ଧିବା କାର୍ଯ୍ୟକ୍ରମ କରଯାଇଥିଲା



ବେଳେ, ଏହି ବର୍ଷ ଗଛ ର ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆ ଯାଇଥିଲା ସେଥିପାଇଁ "ମୁଁ ବି ବଞ୍ଚିବାକୁ ଚାହେଁ" ଅଭିଯାନ ମାଧ୍ୟମରେ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ଥିବା ବୃକ୍ଷ ଗୁଡ଼ିକୁ କଣ୍ଟା ମୁକ୍ତ କରାଯାଇଥିଲା। ଚଳିତ ରକ୍ଷା ବନ୍ଧନରୁ ଏହି ଅଭିଯାନକୁ ଆହୁରି ବ୍ୟାପକ କରି ଆଗାମୀ ଦିନରେ ମଧ୍ୟ ଜାରି ରଖାଯିବ ବୋଲି ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳିତ କରିଥିବା ବେଳେ ପରିବେଶ ବିତି ସ୍ୱାଧୀନ ସାହୁ ଓ ଏଭିପି ସଭାପିତି ସାଗର କୁମାର ପାତ୍ର, ଆଡଭୋକେଟ୍ ପଦ୍ମନାଭ ଡ଼ାଭେ ଓ ସଂଗଠନର ସଦସ୍ୟ ଏ ପ୍ରକାଶ,ପି ବିନଦ, ମ୍ ଦିଲ୍ଲୀପ କୁମାର, ଗଣେଷ ପାଣିଗ୍ରାହି, ପ୍ରବୀଣ ନାୟକ, ବି.ସତୀଶ କୁମାର୍, ଅରବିନ୍ଦ ଦେସି ବେହେରା, ଅଜୟ କୁମାର ସାହୁ, ବିରଜା ପ୍ରସାଦ ପାତ୍ର, ସୀମାଞ୍ଚଳ ପାଣିଗ୍ରାହି, ସବ୍ୟସଚି ପଣ୍ଡା, ଚନ୍ଦନ ରାଉତ, ନବୀନ ସାହୁ, ମୁନା ଶତପଥୀ, ବନମାଳୀ ପ୍ରଧାନ ରବି ସାହାଣୀ ପ୍ରମୁଖ ସହଯୋଗ କରିଥିଲେ ।

# ଷଡ଼ଯନ୍ତ୍ରକାରୀଙ୍କୁ ଜୁଏଲଙ୍କ ଖୋଲା ଧମକ

ରାଉରକେଲା: ରାଉରକେଲା ରାଜନୀତିରେ ଏକ ବଡ଼ ହଲଚଲ ସୃଷ୍ଟି ହୋଇଛି । ରାଉରକେଲାର ଯୁବ ନେତା ପ୍ରକାଶ ପାଶୱାନଙ୍କ ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଟାଣି ହୋଇଆସିଛନ୍ତି । ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ଜୁଏଲ ଓରାମ । ବିଗତ କିଛି ଦିନର ଚର୍ଚ୍ଚା ଆଲୋଚନା ପରେ ନିଜର ନିରବତା ଭଙ୍ଗ କରିଛନ୍ତି କେନ୍ଦ୍ର ମନ୍ତ୍ରୀ । ସବୁ ବେଳେ ଶାନ୍ତ ସ୍ୱଭାବର ଭାବମୂର୍ତ୍ତିରେ ରହୁଥିବା ଜୁଏଲ ଓରାମ ରଣ ହୁଙ୍କାର ଦେଇଛନ୍ତି । ଜୁଏଲ ଖୋଲାଖୋଲି ଭାବେ କହିଛନ୍ତି ଯେ ଯିଏ ତାଙ୍କ ସମ୍ମାନରେ ହାତ ଲଗାଇବାକୁ ଚେଷ୍ଟା କରିବେ ତାଙ୍କ ହାତକୁ କାଟିକି ଫିଙ୍ଗି ଦେବାର ତାକତ ରଖିଛନ୍ତି । ଆଉ ଯେଉଁମାନେ ତାଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଜାଳି ସଫା କରିଦେବେ ବୋଲି ଧମକ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଓରାମ । ଜୁଏଲ ଗଣମାଧ୍ୟମରେ କହିଛନ୍ତି ଯେ ରାଉରକେଲାରେ ଗତ କିଛି ଦିନ ହେବ ଟଙ୍କା ଖର୍ଚ୍ଚ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି । ଯେଉଁମାନେ ଏହା ପଛରେ ରହିଛନ୍ତି ସେମାନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି କହିଛନ୍ତି । ଜୁଏଲ କହିଛନ୍ତି ଯେ କିଛି ଲୋକ ପଇସା ପତ୍ର ଖର୍ଚ୍ଚ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି । ତାଙ୍କ ନାଁରେ ଅପପ୍ରଚାର କରି କେନ୍ଦ୍ର ମନ୍ତ୍ରୀ ପଦରୁ ହଟାଇ ନିଜେ ମନ୍ତ୍ରୀ ପଦରେ ସ୍ଥାନ ପାଇବାକୁ ଚାହୁଁଛନ୍ତି । ବିଜେପି ଦଳ ସହିତ ତାଙ୍କର ଥିବା ଆଜୀବନର ସମ୍ପର୍କକୁ ଜୁଏଲ ବଖାଣିଛନ୍ତି । ସେ ରକ୍ତ ମାଂସ ଦେଇ ଦଳ ଗଢ଼ିଛନ୍ତି । ପାର୍ଟିକୁ ସେ ଚିହ୍ନିଛନ୍ତି ଏବଂ ପାର୍ଟି ତାଙ୍କୁ ଯାହା ଦେଇଛି ତାହା ଯଥେଷ୍ଟ । ସେ ଷଡ଼ଯନ୍ତ୍ରକାରୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ କହିଛନ୍ତି ଯେ ତାଙ୍କ ସମ୍ମାନକୁ କେହି ହାତ ଲଗାଇବାକୁ ଚେଷ୍ଟା କଲେ ସେଭଳି ହାତକୁ କାଟି ଫିଙ୍ଗି ଦେବାର ସାମର୍ଥ୍ୟ ତାଙ୍କର ଅଛି ।

# ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୮।୮: ନିଶାମୁକ୍ତ ଭାରତ ଅଭିଯାନଞ୍ଚର ଅଂଶ ଭାବେ ଖୋର୍ଦ୍ଧା ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ଏବଂ ନିଶାମୁକ୍ତ ଜୀବନଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା।

ବିଭିନ୍ନ ଥାନା ପକ୍ଷରୁ ନିମ୍ନଲିଖିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା:ଟାଙ୍ଗୀ ଥାନା:କାଲୁଆଦଘାଟା ହାଇସ୍କୁଲ, ଡି.ପି. ହାଇସ୍କୁଲ — ୩୬୦ ଜଣ ଅଂଶଗ୍ରହଣକାରୀ। ବାଣପୁର ଥାନା: ମଣିକପୁର ହାଇସ୍କୁଲ, ଗୋଦାବରୀଶ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ — ୩୬୦ ଜଣ ଅଂଶଗ୍ରହଣକାରୀ। ବେଗୁନିଆ ଥାନା: ଗୋପବନ୍ଧୁ ହାଇସ୍କୁଲ, ବେଗୁନିଆ ମହାବିଦ୍ୟାଳୟ — ୧୦ ଜଣ ଅଂଶଗ୍ରହଣକାରୀ। ଖୋର୍ଦ୍ଧା ମଡେଲ୍ ଥାନା:ୟୁପିଏମ୍‌ଇ ସ୍କୁଲ — ୬୦ ଜଣ ଅଂଶଗ୍ରହଣକାରୀ। ସଦର ଥାନା:କାଇପଦର ହାଇସ୍କୁଲ, କେଏମ୍ ?ବିବି କଲେଜ — ୨୮୧ ଜଣ ଅଂଶଗ୍ରହଣକାରୀ। ନାଚୁଣୀ ଥାନା: ହରିପୁର ମହାବିଦ୍ୟାଳୟ, ସାଲପଡ଼ା ହାଇସ୍କୁଲ ଓ ନାଚୁଣୀ କଲେଜ — ୨୭୯ ଜଣ ଅଂଶଗ୍ରହଣକାରୀ। ନିରାକାରପୁର ଥାନା: ରାମେଶ୍ୱର ହାଇସ୍କୁଲ, ନିରାକାରପୁର ହାଇସ୍କୁଲ — ଞ୍ଚ୧୨୦ ଜଣ ଅଂଶଗ୍ରହଣକାରୀ। ଏହି ସମସ୍ତ ସଚେତନତା କାର୍ଯ୍ୟକ୍ରମରେ ମୋଟ ୧,୭୭୦ ଜଣ ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଞ୍ଚ ଯୋଗଦେଇଥିଲେ। କାର୍ଯ୍ୟକ୍ରମଗୁଡ଼ିକରେ ଞ୍ଚସାଇବର ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଆଚରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବ୍ୟକ୍ତିଗତ ତଥ୍ୟର ସୁରକ୍ଷା, ଅନଲାଇନ୍ ଗୋପନୀୟତା ବଜାୟ ରଖିବା, ସାଇବର ଠକେଇରୁ ସତର୍କ ରହିବା ଏବଂ ସାଇବର ଅପରାଧ ସମ୍ପର୍କରେ ଞ୍ଚଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ – ୧୯୩୦ ମାଧ୍ୟମରେ ଅଭିଯୋଗ କରିବା ବିଷୟରେ ସଚେତନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଖୋର୍ଦ୍ଧା ପୋଲିସ ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ ନିଶାମୁକ୍ତ, ସାଇବର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ସମାଜ ଗଠନ ପାଇଁ ସମସ୍ତଙ୍କର ସାମୂହିକ ଅଂଶଗ୍ରହଣକୁ ଉତ୍ସାହିତ କରୁଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ